୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27 . No.23 Bhubaneswar Friday Feburary 28 2025 | ୨୭ତମ ବର୍ଷ ସଂଖ୍ୟା–୨୩ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୮, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ପରାଜୟ ପରେ କେଉଁଠି ଅଛନ୍ତି ଅରବିନ୍ଦ କେଜ୍ରିୱାଲ ?



ଭୁବନେଶ୍ୱର,୨୭।୨(ପି.ଏନ): ଦିଲ୍ଲୀରେ ଦୀର୍ଘ ୧୨ ବର୍ଷ ଧରି କ୍ଷମତାରେ ରହିବା ପରେ ଅରବିନ୍ଦ କେଜ୍ରିୱାଲଙ୍କ ଆପ୍ ୨୦୨୫ରେ କ୍ଷମତାଚ୍ୟୁତ ହୋଇଛି। ବିଜେପି ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ କ୍ଷମତା ଦଖଲ କରିଥିବା ବେଳେ ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତେବେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ହାରିବା ପରଠାରୁ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ଦେଖା ଦର୍ଶନ ମିଳୁନି। ନିର୍ବାଚନ ପୂର୍ବରୁ ସକ୍ରିୟ ଥିବା କେଜ୍ରିୱାଲ ପରାଜୟ ପରେ ଆଉ କୌଣସି ସର୍ବସାଧାରଣ କାର୍ଯ୍ୟକ୍ରମରେ ନଜର ଆସୁ ନାହାନ୍ତି।ଆପ୍ ଦିଲ୍ଲୀରେ ହାରିଥିବା ବେଳେ କେଜ୍ରିୱାଲ ମଧ୍ୟ ନୂଆଦିଲ୍ଲୀ ବିଧାନସଭା ଆସନରେ ବିଜେପିର ପରେବଶ ବର୍ମାଙ୍କ ଠାରୁ ପରାସ୍ତ ହୋଇଛନ୍ତି। କେଜ୍ରିୱାଲଙ୍କୁ ଶେଷଥର ପାଇଁ ଫେବୃଆରୀ ୨୩ ଆପ୍ ବିଧାୟକ ଦଳ ବୈଠକରେ ଦେଖିବାକୁ ମିଳିଥିଲା। ଉକ୍ତ ବୈଠକରେ ଆତିଶୀଙ୍କୁ ବିଧାନସଭାର ବିରୋଧୀ ଦଳ ନେତା ଭାବେ ନିର୍ବାଚିତ କରାଯାଇଥିଲା। ୨୩ ତାରିଖ ଠାରୁ କେଜ୍ରିୱାଲ କେଉଁଠି ଅଛନ୍ତି, ତା'ର ଖବର କାହା ପାଖରେ ନାହିଁ।କେଜ୍ରିୱାଲ ହଠାତ ଅନ୍ତର୍ଧାନ ହୋଇଯିବାରୁ ତାଙ୍କର ପରବର୍ତ୍ତୀ ଗୋଟି ଚାଳନାକୁ ସମସ୍ତେ ଚାତକ ଭଳି ଚାହିଁ ରହିଛନ୍ତି। କୁହାଯାଉଛି ଯେ ସେ ପଞ୍ଜାବ ରାସ୍ତା ଦେଇ ରାଜ୍ୟସଭାରେ ପ୍ରବେଶ କରିବେ। ରାଜ୍ୟସଭା ସାଂସଦ ସଞ୍ଜୀବ ଅରୋରାଙ୍କୁ ଆପ୍ ଲୁଧିଆନା ୱେଷ୍ଟ ପାଇଁ ହେବାକୁ ଥିବା ଉପ ନିର୍ବାଚନରେ ପ୍ରାର୍ଥୀ କରିବାରୁ କେଜ୍ରିୱାଲଙ୍କୁ ନେଇ ନୂଆ ସମୀକରଣ ଚର୍ଚ୍ଚା ଆରମ୍ଭ ହୋଇଛି। କଂଗ୍ରେସ ଓ ବିଜେପି ମଧ୍ୟ କେଜ୍ରିୱାଲ ପଞ୍ଜାବରୁ ରାଜ୍ୟସଭାକୁ ଯିବାକୁ ଚାହୁଁଥିବା କହିଛନ୍ତି। ଦଳ ପକ୍ଷରୁ ଏହାକୁ ତୁରନ୍ତ ଖଣ୍ଡନ କରାଯାଇଛି। ସେହିପରି ଏହାପୂର୍ବରୁ କେଜ୍ରିୱାଲ ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବେ ବୋଲି ମଧ୍ୟ କୁହାଯାଉଥିଲା।

# ବିଶିଷ୍ଟ ଅଭିନେତା ଉତ୍ତମ ମହାନ୍ତିଙ୍କ ଦେହାନ୍ତ



ଭୁବନେଶ୍ୱର,୨୭।୨(ପି.ଏନ): ଦୀର୍ଘ ୪ ଦଶନ୍ଧିରୁ ଅଧିକ ସମୟ ଧରି ଓଡିଆ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କର ମନ ଜିଣିଥିବା ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି ଆଉ ନାହାନ୍ତି। ଦିଲ୍ଲୀର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ତାଙ୍କର ପରଲୋକ ନେଇ ତାଙ୍କର ଘନିଷ୍ଠ ସଂପର୍କୀୟଙ୍କ ସୂତ୍ରରୁ ଏହି ସୂଚନା ମିଳିଛି।ଲୋକପ୍ରିୟ ଅଭିନେତା ଉତ୍ତମ ମହାନ୍ତିଙ୍କୁ କିଛି ଦିନ ପୂର୍ବରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ। ଭେଣ୍ଟିଲେଟର ସପୋର୍ଟରେ ଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ କିଛିଦି ପୂର୍ବରୁ ଦିଲ୍ଲୀର ଏକ ଘରୋଇ ଡାକ୍ତରଖାନାକୁ ଏୟାର ଆମ୍ବୁଲାନ୍ସରେ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

ବାବୁସାନ୍ ଫିଲ୍ମସର ନୂଆ ସିନେମା 'ବୋଉ ବୁଟୁ ଭୂତ'ର ସୁଟିଂ ଚାଲିଥିବା ବେଳେ ଉତ୍ତମ ମହାନ୍ତି ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଏହାପରେ ତାଙ୍କୁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଉତ୍ତମ ମହାନ୍ତି ପତ୍ନୀ ଅପରାଜିତା ଓ ପୁଅ ବାବୁସାନଙ୍କ ସହ ଅଭିନୟ କରିଛନ୍ତି। ଏଥିରେ ଅର୍ଚ୍ଚିତା ନାୟିକା ଭୂମିକାରେ ନଜର ଆସିବେ। ଓଡିଆ ଚଳଚ୍ଚିତ୍ର ଜଗତରେ ଉତ୍ତମ ମହାନ୍ତି ଏକ ଜଣାଶୁଣା ନାମ। ସେ ୧୯୫୮ ଡିସେମ୍ବର ୨୩ ତାରିଖରେ ବାରିପଦାରେ ଜନ୍ମଗ୍ରହଣ କରିଥିଲେ। ବାରିପଦାରେ ହିଁ ତାଙ୍କର ହାଇସ୍କୁଲ ଓ ମହାବିଦ୍ୟାଳୟ ଶିକ୍ଷା ସମାପ୍ତ ହୋଇଥିଲା। ଓଡିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କୁ ସେ ବିବାହ କରିଥିବା ବେଳେ ଏକମାତ୍ର ପୁଅ ବାବୁସାନ ହେଉଛନ୍ତି ଜଣେ ସଫଳ ଅଭିନେତା। ଉତ୍ତମ ମହାନ୍ତି ୧୯୭୭ ମସିହାରେ ଚଳଚ୍ଚିତ୍ର 'ଅଭିମାନ' ମାଧ୍ୟମରେ ଓଡିଆ ଚଳଚ୍ଚିତ୍ର ଦୁନିଆରେ ପାଦ ଥାପିଥିଲେ। ୧୯୭୮ରେ କବି ସମ୍ରାଟ ଭଂଜ, ପତିପତ୍ନୀ, ଶଙ୍ଖମହୁରୀ ମାଧ୍ୟମରେ ଆଗକୁ ବଢ଼ିଥିଲେ। ୧୯୭୯ରେ ଚିହ୍ନା-ଅଚିହ୍ନା, ନିଝୁମ ରାତିର ସାଥୀ, ୧୯୮୦ରେ ରାମାୟଣ, ରାମ ବଳରାମ ଭଳି ଲୋକପ୍ରିୟ ଚଳଚ୍ଚିତ୍ରରେ ଅଭିନୟ କରନ୍ତି। ପୁଣି ୧୯୮୪ରେ ଦଣ୍ଡାବାଳୁଙ୍ଗା ତାଙ୍କୁ ଏକ ଭିନ୍ନ ପରିଚୟ ଦିଏ। ୧୯୯୦ରେ ଶାସ୍ତି, ଗୋପରେ ବଢୁଛି କଳା କହ୍ନେଇ, ରାଜାରାଣୀ, କଣ୍ଢେଇ, ବିଧିର ବିଧାନ ଓଡିଆ ଦର୍ଶକଙ୍କର ମନ ଛୁଇଁଛି। ଏଯୁଗର କୃଷ୍ଣସୁଦାମା, ମୁଁ ତତେ ଲଭ୍ କରୁଛି, ତୁମକୁ ପାରୁନି ଭୁଲି, ଆଇଲାରେ ଓଡିଆ ପୁଅ, ତୁ ମୋରି ପାଇଁ, ପାଗଳ କରୁଛି ପାଉଁଜି ତୋର, ବିଦ୍ୟାରାଣ ଭଳି ଚଳଚ୍ଚିତ୍ର ଦର୍ଶକମାନଙ୍କର ହୃଦୟକୁ ଛୁଇଁଛି। ମୋଟାମୋଟି ଭାବେ ଉତ୍ତମ ମହାନ୍ତି ପ୍ରାୟ ଦେଶଶହ ଚଳଚ୍ଚିତ୍ରରେ ଅଭିନୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡି ଯାଇଛନ୍ତି। କେବଳ ଓଡିଆ ନୁହେଁ, ବରଂ ସେ ୩୦ଟି ବେଙ୍ଗଲି ଓ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ର (ନୟା ଜହେର)ରେ ମଧ୍ୟ ଅଭିନୟ କରିଛନ୍ତି। ଏତଦ୍ ବ୍ୟତୀତ ସେ କିଛି ଓଡିଆ ଧାରାବାହିକରେ ମଧ୍ୟ ଅଭିନୟ କରିଛନ୍ତି, ଯେଉଁଥିରେ କଥା କହୁଥିଲେ ସରିବନି, ପଣତକାନୀ, ସାରାଆକାଶ ଓ ଉତ୍ତରଦାୟୀ ସାମିଲ ରହିଛି। ଉତ୍ତମ ମହାନ୍ତିଙ୍କୁ ୧୯୯୯ରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଜୟଦେବ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ଅନେକ ଥର ଶ୍ରେଷ୍ଠ ଅଭିନେତା ଓ ସହ ଅଭିନେତା ଭାବେ ମଧ୍ୟ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ। ତେବେ ଉତ୍ତମ ମହାନ୍ତିଙ୍କର ପରଲୋକ ଖବର ଶୁଣି ଅନେକ ଓଡିଆ ଚଳଚ୍ଚିତ୍ରର ଅଭିନେତା, ପ୍ରଯୋଜକ, ନିର୍ଦ୍ଦେଶକ, କଣ୍ଠଶିଳ୍ପୀ, କଳାକାର, ଦର୍ଶକ ଓ ପ୍ରଶଂସକ ଦୁଃଖ ଓ ଶୋକ ପ୍ରକାଶ କରିଛନ୍ତି। ଲୋକପ୍ରିୟ ଅଭିନେତାଙ୍କ ଆତ୍ମାକୁ ଶାନ୍ତି ମିଳୁ ବୋଲି ପ୍ରାର୍ଥନା କରିଛନ୍ତି। ସେହିପରି ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

# ଭାଇକୁ ମାରିଲା, ଆଖି ତାଡି ଖାଇଲା, ବିଲେଇକୁ ଜୀବନ୍ତ ଜାଳିବା ପରେ ପୁଲିସ୍‌କୁ ଡାକିଲା





ଭୁବନେଶ୍ୱର,୨୭।୨(ପି.ଏନ): ଭୟଙ୍କର, ବୀଭତ୍ସ ଓ ଲୋମହର୍ଷଣକାରୀ। ଏପରି ଯେତେ ଶବ୍ଦ କହିଲେ ମଧ୍ୟ ସାମ୍ନାକୁ ଆସିଥିବା ଘଟଣା ପାଇଁ ସବୁ କିଛି କମ ପଡିବ। କାରଣ ଜଣେ ୩୧ ବର୍ଷୀୟ ଯୁବକ ତା'ର ୨୬ ବର୍ଷୀୟ ସାନ ଭାଇଙ୍କୁ ଅତ୍ୟନ୍ତ ଭୟଙ୍କର ଢଙ୍ଗରେ ହତ୍ୟା କରିଛି। ସେ ସାନ ଭାଇଙ୍କୁ ପିଟିବା ସହ ଏକାଧିକ ଥର ଧାରୁଆ ଅସ୍ତ୍ରରେ ତା'ର ଶରୀରରୁ କାଟି ପକାଇଛି। ଏହାପରେ ଆଖି ଭିତରୁ ଡୋଳା ବାହାର କରି ପ୍ଲେଟରେ ରଖି ଖାଇଛି।ଖାଲି ସେତିକି ନୁହେଁ, ଘରେ ଥିବା ପୋଷା ବିଲେଇକୁ ମଧ୍ୟ ଅଭିଯୁକ୍ତ ଜଣଙ୍କ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ଜୀବନ୍ତ ଜାଳି ହତ୍ୟା କରିଛି। ଆମେରିକାର ମାଇକେଲ ମ୍ୟୁସ ଆପାର୍ଟମେଣ୍ଟରେ ଶନିବାର ବିଳମ୍ବିତ ରାତିରେ ଏପରି ଘଟଣା ଘଟଣା ଘଟିଛି। ୩୧ ବର୍ଷୀୟ ମାଥ୍ୟୁ ହେର୍ଟଜେନ ତା'ର ସାନ ଭାଇ ଯୋଶେଫଙ୍କୁ ହତ୍ୟା କରିଛି। ପରିବାର ଲୋକଙ୍କ ମାଲିକାନାରେ ଥିବା ଅତ୍ୟାଧୁନିକ ପ୍ରିନ୍ସଟନ ଆପାର୍ଟମେଣ୍ଟରେ ମାଥ୍ୟୁ ପୂରା କାଣ୍ଡ ଘଟାଇଛି।

## ଶେଷ ହେଲା ମହାକୁମ୍ଭ: ଶିବରାତ୍ରି ପାଇଁ ଦିନକରେ ବୁଡ଼ ପକାଇଲେ ୨ କୋଟି ଶ୍ରଦ୍ଧାଳୁ

ପ୍ରୟାଗରାଜ,୨୭।୨ (ପି.ଏନ): ସରିଲା ମହାକୁମ୍ଭ । ଗଙ୍ଗା ନଦୀ କୂଳରେ ଶେଷ ହେଲା ଦୁନିଆର ସବୁଠୁ ବଡ ଆଧ୍ୟାତ୍ମିକ ମେଳା । ଯେଉଁଠି ଲାଗିଥିଲା ସାଧୁସନ୍ଥ ଓ ଭକ୍ତଙ୍କ ମିଳନ । ମହାଶିବରାତ୍ରିରେ ଶେଷ ହୋଇଛି ମହାକୁମ୍ଭ । ଅନ୍ତିମ ଅମୃତ ସ୍ନାନ ସହ ମହାକୁମ୍ଭର ମଧ୍ୟ ସରିଛି । ଶେଷ ଦିନରେ ସଙ୍ଗମ ସ୍ଥଳରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ମହାଶିବରାତ୍ରି ଥିବାରୁ ପ୍ରାୟ ୨ କୋଟି ଶ୍ରଦ୍ଧାଳୁ ଗତକାଲି ବୁଡ଼ ପକାଇଛନ୍ତି । ତେବେ ୪୫ ଦିନରେ ୬୬ କୋଟିରୁ ଅଧିକ ବୁଡ ପକାଇଥିବା ସୂଚନା। ମହାଶିବରାତ୍ରୀରେ ଅନ୍ତିମ ଅମୃତ ସ୍ନାନ ସହ ଶେଷ ହୋଇଛି ପୂର୍ଣ୍ଣ ମହାକୁମ୍ଭ। ୧୪୪ ବର୍ଷ ପରେ ଏଭଳି ଏକ ଐତିହାସିକ ମୁହୂର୍ତ୍ତର ମୂକ ସାକ୍ଷୀ ହେବା ଲାଗି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପ୍ରୟାଗରାଜରେ ବୁଡ଼ ପକାଇବା ପାଇଁ ଏକାଠି ହୋଇଥିଲେ । ଜାନୁଆରୀ ୧୩ ତାରିଖ ପୌଷ ପୂର୍ଣ୍ଣିମାରେ ଆରମ୍ଭ ହୋଇଥିଲା ମହାକୁମ୍ଭ । ଦେଢ଼ମାସ ପରେ ଶେଷ ହୋଇଛି ମେଳା। ଆସ୍ଥା ଓ ବିଶ୍ୱାସର ପ୍ରତୀକ ମହାକୁମ୍ଭରେ ୬୬ କୋଟି ଲୋକ ସଙ୍ଗମରେ ବୁଡ଼ ପକାଇ ସାରିଛନ୍ତି । ତେବେ ମହାକୁମ୍ଭକୁ ଦୁନିଆର ସବୁଠୁ ବିଶାଳ ଆଧ୍ୟାତ୍ମିକ ମେଳା ବୋଲି କହିଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ।

# ମେଡିକାଲରେ ପ୍ରସବ କଲେ ଆଉ ଜଣେ ୧୦ମ ଛାତ୍ରୀ

ଯାଜପୁର,୨୭।୨(ପି.ଏନ): ଆଉଜଣେ ୧୦ମ ଛାତ୍ରୀ ମେଡିକାଲରେ ପ୍ରସବ କରିଛନ୍ତି। ବରୀ ବ୍ଲକ ଅଞ୍ଚଳର ୧୦ମ ଶ୍ରେଣୀ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ସୂଚନାନୁଯାୟୀ, ବରୀ ମେଡିକାଲରୁ ଛାତ୍ରୀ ଜଣଙ୍କୁ ଯାଜପୁର ସ୍ଥାନାନ୍ତର କରାଯାଇଛି।ଫେବୃଆରୀ ୨୫ ତାରିଖରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଥିଲା। ହଷ୍ଟେଲରେ ପ୍ରସବ କରିଥିଲେ ୧୦ମ ଶ୍ରେଣୀ ଛାତ୍ରୀ। ପରୀକ୍ଷା ଦେଇ ଫେରିବା ପରେ ହଷ୍ଟେଲରେ କଲେ ପ୍ରସବ। ଚିତ୍ରକୋଣ୍ଡା ଥାନା ଅଞ୍ଚଳରେ ଥିବା ଏକ ବିଦ୍ୟାଳୟରେ ଘଟିଥିଲା ଏଭଳି ଅଭାବନୀୟ ଘଟଣା।ଏହି ଖବର ପାଇବା ପରେ ଛାତ୍ରୀଙ୍କୁ ଉଦ୍ଧାର କରି ପୋଲିସ ମେଡିକାଲକୁ ପଠାଇଥିଲା। ପ୍ରସବକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ଛାତ୍ରୀଙ୍କ ଅଭିଭାବକ।

# ମାଟ୍ରିକ ପରୀକ୍ଷା: ୫ ଛାତ୍ରଙ୍କୁ କପି କରୁଥିବା ବେଳେ ଧରିଲା ଇଓ କ୍ୟାମେରା



କଟକ: ମାଟ୍ରିକ ପରୀକ୍ଷାର ତୃତୀୟ ଦିନରେ କପି ଧରିଲା ଇଓ କ୍ୟାମେରା । ଗଣିତ ପରୀକ୍ଷାରେ ସାରା ରାଜ୍ୟରେ କପି କରି ୫ ଜଣ ପରୀକ୍ଷାର୍ଥୀ ଏଆଇ କ୍ୟାମେରାରେ ଧରାପଡ଼ିଛନ୍ତି । କପି କରି ଧରା ପଡିଥିବା ଏହି ପରୀକ୍ଷାର୍ଥୀଙ୍କୁ ଏମପିରେ ବୁକ କରିଛି ବୋର୍ଡ ।୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ଲାଗିଥିବା ୬ ଶହ ଏଆଇ କ୍ୟାମେରାରୁ ୫ ଜଣ ପରୀକ୍ଷାର୍ଥୀ କପି କରୁଥିବା ବେଳେ ଧରାପଡିଛନ୍ତି । ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ ସମୟ ଦିଆଯାଇଥିଲା । ଅର୍ଥାତ ସକାଳ ୯ ଟାରୁ ୧୧ ଟା ୪୫ ପର୍ଯ୍ୟନ୍ତ ଗଣିତ ପରୀକ୍ଷା ଦେଇଥିଲେ ପରୀକ୍ଷାର୍ଥୀ । ସେପଟେ ତୃତୀୟ ଦିନରେ ଶାନ୍ତି ଶୃଙ୍ଖଳାରେ ପରୀକ୍ଷା ଶେଷ ହୋଇଛି । କପି କରି ଧରାପଡିଥିବା ପରୀକ୍ଷାର୍ଥୀଙ୍କ ପାଖରୁ କିଛି ଆପତ୍ତିଜନକ ଜିନିଷ ଥିବା ଇଓ କ୍ୟାମେରାରୁ ଜଣାପଡିବା ପରେ ଚେକିଂ କରାଯାଇ କପି ଧରାଯାଇଥିଲା । ଲାଇଭ ଷ୍ଟ୍ରିମିଙ୍ଗ ବେଳେ ଏହି ଫୁଟେଜ ସାମ୍ନାକୁ ଆସିଛି । ଧରାପଡିଥିବା ଛାତ୍ର ବାକି ବିଷୟ ଗୁଡିକରେ ପରୀକ୍ଷା ଦେଇପାରିବେ । ବୋର୍ଡ ରେଗୁଲେସନ୍ କମିଟି ପରବର୍ତ୍ତୀ ସମୟରେ ଆକ୍ସନ ନେଇ ନିଷ୍ପତ୍ତି ନେବ ବୋଲି କହିଛନ୍ତି ବୋର୍ଡ ଉପସଭାପତି । ଆସନ୍ତା ଶନିବାର ବିଦ୍ୟାର୍ଥୀ ଦେବେ ବିଜ୍ଞାନ ପରୀକ୍ଷା ।

# ଭୀମ ଆର୍ମି ଭାରତ ଏକତା ମିଶନ ପକ୍ଷରୁ ପ୍ରଶିକ୍ଷଣ ଶିବିର ଆୟୋଜନ




ଭୁବନେଶ୍ୱର,୨୭।୨(ପି.ଏନ): ଭୀମଆର୍ମି (ଭାରତ ଏକତା ମିଶନ) ଓଡ଼ିଶା ଶାଖା ପକ୍ଷରୁ ଆସନା ମାର୍ଚ୍ଚ ୦୪ ତାରିଖ ସାମାଜିକ ନ୍ୟାୟକୁ ଆଧାରକରି, ଉତ୍କଳ ବାଣୀ ବିହାର, ୟୁନିଭରସିଟି ପରିସର ଦିକ୍ଷାନୁଭବନ ରେ ଦିବା ୧୦ ଘଟିକା ସମୟରେ ସାମାଜିକ ସଚେତନତା ଓ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବେ ଭୀମ୍ ଆର୍ମି ସଂସ୍ଥାପକ ତଥା ପ୍ରତ୍ୟେକ ଯୁକ ଛାତ୍ର ଏବଂ ନିଷ୍ପେସିତ ମାନଙ୍କ ସ୍ୱର ତଥା ବର୍ତ୍ତମାନର ନଗିନା ଲୋକସଭା ର ସାଂସଦ ଆଡଭୋକେଟ ଚନ୍ଦ୍ର ଶେଖର ଆଜାଦ୍ ଏବଂ ଭୀମ୍ ଆର୍ମିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଧୂମନ୍ ବିନୟ ରତନ ସିଂ । ବର୍ତ୍ତମାନ ସମଗ୍ର ଦେଶରେ ଦିନକୁ ଦିନ ସାମାଜିକ ଅଧିକାରରୁ ବଞ୍ଚିତ ବହୁଜନଙ୍କ ଉପରେ ଜାତି ଓ ଧର୍ମନାମରେ ଜାତିଗତ ହିଂସା ଓ ଭେଦଭାବ ବଢ଼ି ଚାଲିଛି । ଏହି ନିଷ୍ପେସିତ ମାନଙ୍କ ସଂଖ୍ୟା ରାଜ୍ୟର ମୋଟ ଜନସଂଖ୍ୟାର ୯୪ ଭାଗ ହେଇଥିବାବେଳେ,

୧. ଶିକ୍ଷା ଓ ଚାକିରୀ ରେ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା !

୨. ଜାତି ଗତ ଜନ ଗଣନାକରିବା,

୩. ସର୍ବୋପରି ଦେଶର ସମ୍ବିଧାନକୁ ସତପ୍ରତିଶତ କାର୍ଯ୍ୟକାରି କରିବା

୪, ସାମାଜିକ,ମାନବିକ,ଶିକ୍ଷାଗତ, ଅର୍ଥନୈତିକ,ରାଜନୈତିକ ଓ ସାଂସ୍କୃତିକ ଦୃଷ୍ଟିରୁ ନିଷ୍ପେସିତବର୍ଗ ର ସମାଜ କୁ ମୁଖ୍ୟ ସ୍ରୋତ କୁ ଆଣିବା !

୫. ସମାଜରେ ସମତା ସ୍ୱତନ୍ତ୍ରିତା ବନ୍ଧୁତା ଓ ନ୍ୟାୟରୂପକ ସମାଜ ବ୍ୟବସ୍ଥା ଓ ଏକ ଜାତିମୁକ୍ତ ସମାଜ ଗଠନ କରିବା !

ଶୁଖ୍ୟଦି ପ୍ରସ୍ଥାପିତ ଲକ୍ଷ୍ୟରେ ଏକ ସାମାଜିକ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ।

ଏଣୁ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର କୋଣ ଅନୁକୋଣରୁ ଛାତ୍ର ଯୁବକ,ମହିଳା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ତଥା ସାମାଜିକ ନ୍ୟାୟରେ କାର୍ଯ୍ୟରତ ସମସ୍ତ ସମତାକାମୀ ଗଣ ସଙ୍ଗଠନ, ଭୀମ୍ ଆର୍ମିର ସମସ୍ତ ରାଜ୍ୟ ଓ ଜିଲ୍ଲା ପଦାକାରୀ, ସଭ୍ୟ ସଭ୍ୟା ମାନେ ବହୁ ସଂଖ୍ୟାରେ ଯୋଗ ଦେବେ।

# ଖୋର୍ଦ୍ଧା କୁମାରବସ୍ତିରେ ଜୋରଦାର ବିସ୍ଫୋରଣ; ତିନି ଗୁରୁତର



ଖୋର୍ଦ୍ଧା,୨୭।୨(ପି.ଏନ): ଖୋର୍ଦ୍ଧା ଶିକ୍ଷାଞ୍ଚଳ ଥାନା ଅନ୍ତର୍ଗତ କୁମାରବସ୍ତିରେ ବିସ୍ଫୋରଣ ଘଟି ତିନିଜଣ ଗୁରୁତର ହୋଇଥିବାର ଖବର ମିଳିଛି। ତାପସ ମଙ୍ଗରାଜଙ୍କ ଘରେ ଏହି ବିସ୍ଫୋରଣ ଘଟିଥିବା ଜଣାଯାଇଛି। ସ୍ଥାନୀୟ ଲୋକଙ୍କ କହିବା କଥା ହେଲା ଏହା ବୋମା ବିସ୍ଫୋରଣ। ଅପରପକ୍ଷରେ ଏହା ବାଣ ବିସ୍ଫୋରଣ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏଥିରେ ତିନିଜଣ ଗୁରୁତର ହୋଇଥିବା ବେଳେ, ଦୁଇ ଜଣଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି । ଏଥିରେ ୧୦ବର୍ଷ ଓ ୧୨ବର୍ଷ ର ନାବାଳକ ଓ ନାବାଳିକା ଅଛନ୍ତି । ଗୁରୁବାର ମଧ୍ୟାହ୍ନରେ ଏହି ଘଟଣା ଘଟିଛି ।ଖବର ମୁତାବକ, କୁମାରବସ୍ତିର ତାପସ ମଙ୍ଗରାଜଙ୍କ ଘରେ ହଠାତ୍ ଏକ ଜୋରରେ ବିସ୍ଫୋରଣ ଘଟିଥିଲା । ସ୍ଥାନୀୟ ଲୋକେ ଦୌଡି ଯାଇ ଦେଖିବା ବେଳକୁ ବିସ୍ଫୋରଣରେ ତିନି ଜଣ ଛିଟିକି ପଡିଥିଲେ । ଖବର ପାଇ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି । ବିସ୍ଫୋରଣର ଭୟାଭହତାକୁ ଦେଖି ସ୍ଥାନୀୟ ଲୋକେ ଏହାକୁ ବୋମା ବିସ୍ଫୋରଣ କହୁଥିବାବେଳେ, ଅପରପକ୍ଷରେ ଏହା ବାଣ ବିସ୍ଫୋରଣ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଘଟଣାରେ ଏକ ମାମଲା ରୁଜୁ କରି ପୋଲିସ ସହ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।


## ଏକାଦଶାହ ଉପଲକ୍ଷେ

ଶ୍ରଦ୍ଧାଞ୍ଜଳି



୰ ଅଜୟ କୁମାର ମହାନ୍ତି

କୋଲାସିଂହ, ଚଣ୍ଡିଖୋଲ, ଯାଜପୁର

ଆବିର୍ଭାବ : ୧୨.୧୦.୧୯୪୫

ତିରୋଧାନ : ୧୮.୦୨.୨୦୨୫

ଆଜି ଏକାଦଶାହରେ ଆମେ ସମସ୍ତେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ଅଶ୍ୱିନୀ, ପୁତ୍ର- ଅଶୋକ, ଅରବିନ୍ଦ, ଅନ୍ତର୍ଯ୍ୟାମୀ, ପୁତୁରା - ଅରୁଣ, ଅମୀୟ, ଆଲୋକ ଏବଂ ଶୋକ ସନ୍ତପ୍ତ ବନ୍ଧୁ ଓ ପରିବାର ବର୍ଗ ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ି ଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'



ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା



ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?




ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ‘ତ୍ରିପୁରମାଳିନୀ’ ଶକ୍ତିପୀଠ, ପଞ୍ଜାବ

‘ତ୍ରିପୁରମାଳିନୀ’ ମନ୍ଦିର ବା ଜଳନ୍ଧର ଶକ୍ତିପୀଠ ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ସ୍ଥାନ ଭାବେ ପରିଚିତ। ଏହି ଶକ୍ତିପୀଠ ଦେବୀ “ତାଲାବ” ମନ୍ଦିର ପାଇଁ ଜଣାଶୁଣା। ଏହି ମନ୍ଦିର ଭାରତର ପଞ୍ଜାବ ରାଜ୍ୟ ଅନ୍ତର୍ଗତ ଜଳନ୍ଧର ଠାରେ ଅବସ୍ଥିତ। ଏହି ମନ୍ଦିର ବହୁ ବର୍ଷର ପୁରୁଣା ବୋଲି କୁହାଯାଏ। ଏହି ମନ୍ଦିର ପାଖରେ ଥିବା ଏକ ପୋଖରୀକୁ ଅତି ପବିତ୍ର ବୋଲି ଗ୍ରହଣ କାରାଯାଏ। ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠ ମାନଙ୍କ ମଧ୍ୟରେ ‘ତ୍ରିପୁରମାଳିନୀ ଶକ୍ତିପୀଠ’ ବା ତାଲାବ ମନ୍ଦିର ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

# ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସାମୁହିକ ଜନସଚେତନ ଅଭିଯାନ ଅନୁଷ୍ଠିତ



ବେତନଟୀ,(ପି.ଏନ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ଠାରେ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଶ୍ୱବ୍ୟାପୀ ସାମୁହିକ ଜଣସଚେତନା ଅଭିଯାନ ପରିପ୍ରେକ୍ଷୀରେ ବନାଗ୍ନୀ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ସହିତ ଏକ ପଦଯାତ୍ରା ବେତନଟୀ ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ବୈଶିଙ୍ଗା ଥାନା ଅଧୀନ ମେର୍ଦା ଠାରେ ମଙ୍ଗଳବାର ଅପରାହ୍ନ ଦେଢ଼ଟାରୁ ଆରମ୍ଭ ହୋଇ ଚାରିଟାରେ ସମାପ୍ତ ହୋଇଛି। ବନାଞ୍ଚଳ ଅଧିକାରୀ ମନୁୱର ଖାଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମେର୍ଦା ଅଞ୍ଚଳର ଅଗ୍ରଣୀ ଜୀଉ ଆଥଲେଟିକ କ୍ଲବର କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କ ସମେତ ସ୍ଥାନୟ ସ୍କୁଲର ଛାତ୍ରଛାତ୍ରୀ ତଥା ଗ୍ରାମବାସୀ ଏବଂ ଗଜସାଥୀ ଏହି ସଚେତନତା ପଦଯାତ୍ରାରେ ସାମିଲ ହୋଇଥିଲେ।ପ୍ଲାକାର୍ଡ ଏବଂ ସ୍ଲୋଗାନ ମାଧମରେ ଜଙ୍ଗଲନିଆଁ ନିୟନ୍ତ୍ରଣ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇଥିଲା।ଜଙ୍ଗଲ ନିଆଁ ଏବଂ ଜଙ୍ଗଲ ଅବକ୍ଷୟ ସହିତ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମଗ୍ର ବିଶ୍ୱ ସମୁଦାୟ ପାଇଁ ଏକ ବଡ ଆହ୍ୱାନ ସାଜିଥିବା ବେଳେ ଏହାର ମୁକାବିଲା ପାଇଁ ତୃଣମୂଳ ସ୍ତରରୁ ବନବିଭାଗ ନିଜର ଅଭିଯାନ ଆରମ୍ଭ କରିଛି।ବେତନଟୀ ବନାଞ୍ଚଳ ଅଧିକାରୀ ରେଞ୍ଜର ମନୁୱର ଖାଁଙ୍କ ଅଧକ୍ଷତାରେ ଆୟୋଜିତ ସଚେତନତା ପଦଯାତ୍ରାରେ ସ୍ଥାନୀୟ ଲୋକ ଓ୍ ସ୍କୁଲ ଛାତ୍ରଛାତ୍ରୀ, ଯୁବକସଂଘ,ସାମାଜିକ ଅନୁଷ୍ଠାନ ସମେତ ଗଜସାଥୀ, ବନରକ୍ଷୀ ତଥା ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବରିଷ୍ଠ ଆଇନଜୀବୀଙ୍କ ଦେହାନ୍ତ ପାଇଁ ଶୋକଶଭା ଅନୁଷ୍ଠିତ

ବେତନଟୀ,(ପି.ଏନ) : ବେତନଟୀ ବାର ଏସୋସିଏସନ ତରଫରୁ ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପ୍ରଧାନ ଙ୍କ ଦେହାନ୍ତ ପାଇଁ ଶୋକ ସଭା ଗତ ୬ ତାରିଖ ରେ ଅନୁଷ୍ଠିତ ହୋଇଯାଇଛି।ଏହି ସଭାରେ ବେତନଟୀ ବାର ଏସୋସିଏସନର ଉପ ସଭାପତି ରବିନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ।ଉକ୍ତ ଶୋକ ସଭାରେ ବାର ଏସୋସିଏସନର ଆଇନଜୀବୀ ଦେବବ୍ରତ ପରିଡା,ମନୋଜ ଦଳେଇ,ଲମ୍ବୋଦର ନାୟକ,କିଶୋର ମହାନ୍ତ,ଅର୍ଣବ ଘୋଷ,ସଂଜୟ ରାଉତ,ପ୍ରବୀର କୁମାର ବାରିକ ଉପସ୍ଥିତ ରହି ତାଙ୍କର ସ୍ମୃତିଚାରଣ କରିଥିଲେ।ଶେଷରେ ଆଇନଜୀବୀ ରଣଜିତ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ପ୍ରରିପ୍ରେକ୍ଷରେ ପ୍ରଥମାର୍ଦ୍ଧରେ କୋର୍ଟ କାର୍ଯ୍ୟ ଆଇନଜୀବୀ ମାନେ ବନ୍ଦ ରିଖିଥିଲେ।

# ନୂଆପଡ଼ାରେ ଜିଲ୍ଲା ସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



ନୂଆପଡ଼ା, (ପି.ଏନ): ନୂଆପଡ଼ାରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ମୁଖ୍ୟ ଅତିଥି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଦ୍ୱାରା ଉଦ୍ଘାଟିତ ହୋଇ ଯାଇଛି କ୍ଷ ମେଳାରେ ସମ୍ମାନିତ ଅତିଥି ଭାବରେ ବନଖଣ୍ଡ ଅଧିକାରୀ ଖରିଆର- ଅଜିଜ ଖାନ, ବନଖଣ୍ଡ ଅଧିକାରୀ ବନ୍ୟଜନ୍ତୁ - ମହାଦେବ ବଡ଼ାଇକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଣଜିତ୍ ନାଏକ, କୃଷି ଜିଲ୍ଲା ଅଧିକାରୀ ପ୍ରଦୀପ କୁମାର ବେଉରା, କୃଷି ଯନ୍ତ୍ରୀ ପଦ୍ମଲୋଚନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସଭାର ଆବାହକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ କ୍ଷ ଅତିଥି ମାନେ କୃଷକ ମାନଂକ ଉନ୍ନତି ପାଇଁ ସରକାର ଯୋଗାଇ ଦେଉଥିବା ବିଭିନ୍ନ ସାହାଯ୍ୟ ସହଯୋଗ ସମ୍ବନ୍ଧରେ ଅବଗତ କରାଇଥିଲେ କ୍ଷ ଯନ୍ତ୍ରପାତି ସାହାଯ୍ୟରେ ଆଧୁନିକ ଏ୍ଂ ସମନ୍ୱିତ କୃଷି ଆପଣାଇଲେ କୃଷକ ମାନଙ୍କ ମଙ୍ଗଳ ହେବ ବୋଲି କହିଥିଲେ କ୍ଷଏହି ଅବସରରେ ଜିଲ୍ଲାପାଳ କହିଲେଯେ କୃଷି ତଥା କୃଷକ ମାନଙ୍କ ସର୍ବାଙ୍ଗିନ ଉନ୍ନତି ପାଇଁ ସରକାର ତଥା ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ କ୍ଷ ଚାଷୀ ମାନେ ଅଣଧାନ ଏ୍ଂ ଅର୍ଥକାରୀ ଫସଲ ଚାଷ ଉପରେ ଗୁରୁତ୍ୱ ଦେଲେ ଦୃତ ଆର୍ଥିକ ପ୍ରଗତି ହାସଲ କରିବେ କ୍ଷଚାଷୀ ହସିଲେ ଦେଶ ହସିବ କ୍ଷ ମେଳାରେ କୃଷି କ୍ଷେତ୍ରରେ ଶ୍ରେଷ୍ଠ ଚାଷୀ ହିସାବରେ ନୂଆପଡ଼ା ବ୍ଲକ୍ ର ଚକ୍ରଧର ସାହୁଙ୍କୁ ସମ୍ମାନିତ କରାଯାଇଥିଲା କ୍ଷ ମା ଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଦଳ, କାମକେଡ଼ା, କୋମନା ବ୍ଲକ୍ ଙ୍କୁ ଗୋଟିଏ ମିନି ଡାଲି ମିଲ୍ ଯୋଗାଇ ଦିଆଗଲା କ୍ଷ ଗୋଷ୍ଠୀ ବ୍ୟବସାୟ କ୍ଷେତ୍ରରେ ବିଶେଷ ସଫଳତା ପ୍ରଦର୍ଶନ କରିଥିବା ସ୍ୱୟଂ ସହାୟକ ଦଳ ଜୟ ମା ଦୁର୍ଗା ଦଳ, ସିନାପାଲି ଏ୍ଂ ବିଶ୍ୱ ମା ତୁଳସୀ ଦଳ, ସିନାପାଲିଙ୍କୁ ସିଡ ମନି ହିସାବରେ ଉଭୟ ଗୋଷ୍ଠୀଙ୍କୁ ଦଶ ହଜାର ଟଙ୍କାର ଚେକ୍ ଦେଇ ପୁରସ୍କୃତ କରାଯାଇଥିଲା କ୍ଷ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳା ରେ ୫୦ ଟି ଷ୍ଟଲ୍ ଖୋଲା ଯାଇଛି କ୍ଷ ଏଥିରେ ବିଭିନ୍ନ ବିଭାଗୀୟ ଷ୍ଟଲ୍ ୧୩ ଟି, ଯନ୍ତ୍ର ପାତି ଷ୍ଟଲ୍ ୩୩ ଟି ଏ୍ଂ ଖାଦ୍ୟ ଷ୍ଟଲ୍ ୪ ଟି ରହିଛି କ୍ଷ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି କ୍ଷ କାର୍ଯ୍ୟକ୍ରମ ପରିଚାଳନାରେ କୃଷି ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ବାଗୁଲି ଆଶ୍ରମ ବିଦ୍ୟାଳୟର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ



ବେତନଟୀ,(ପି.ଏନ) : ବଡସାହି ନିର୍ବାଚନ ମଣ୍ଡଳୀର ୩୬୫ ଛାତ୍ରଛାତ୍ରୀ ବିଶିଷ୍ଟ ବାଗୁଲୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଜାନୁଆରୀ ୭ ତାରିଖରେ ଅନୁଷ୍ଠିତ ହୋଇ ଯାଇଅଛି। ଏହାକୁ ଆନୁଷ୍ଠାନିକ ଭାବେ ବଡସାହି ବ୍ଲକ୍ ର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଣୀ ସୁଶ୍ରୀ ବାସନ୍ତୀ ସିଂହ ମୁଖ୍ୟ ଅତିଥିଭାବେ ପତାକା ଉତ୍ତୋଳନ କରି ପ୍ରତି ଯୋଗିତାର ଶୁଭାରମ୍ଭ କରିଥିଲେ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ ?ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଓ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ଏବଂ କେଚିଳାଖୁଣ୍ଟା ସରପଞ୍ଚ ତଅପୋଇ ସିଂ,ସମାଜସେବୀ ନରେନ୍ଦ୍ର ସିଂ ସ୍ୱତନ୍ତ୍ର ଅତିଥିଭାବେ ଶିକ୍ଷାବିତ୍ ତଥା ପୂର୍ବତନ ଗୋଷ୍ଠୀ ସମ୍ବଳ ଶିକ୍ଷକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତା ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧମରେ ଛାତ୍ରଛାତ୍ରୀଙ୍କ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନକୁ ଉଚ୍ଛସିତ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତଛାତ୍ରୀଙ୍କ ମାର୍ଚ୍ଚପାଷ୍ଟ ଓ ଦେଶାତ୍ମବୋଧକ ସଂଗୀତ ସହ ନୃତ୍ୟ ପରିବେଷଣ ଚିତାକର୍ଷକ ହୋଇପାରିଥିଲା। ସମସ୍ତ କାର୍ଯ୍ୟ ପରିଚାଳନାରେ ବରିଷ୍ଠ ଶିକ୍ଷକ ଜୟନ୍ତ କୁମାର ଜେନା, ଲୁଗୁ ସିଂ, ରଞ୍ଜିତା ଜେନା, ନାରାୟଣ ନାୟକ, ଲିଲିମା ମଣ୍ଡଳ, ସସ୍ମିତା ସେଠୀ ଓ ବନଜା ଦାସ ପ୍ରମୁଖ ସହଯୋଗ କରିଥିଲେ।

# ମୋବାଇଲ ଟାୱାର ସ୍ଥାପନ ପାଇଁ ସାଂସଦଙ୍କୁ ଆବେଦନ ପତ୍ର ରଖିଲେ ଝୋଳ ପଥର ତଥା ଆଖ ପାଖ ଅଞ୍ଚଳର ୫ଟି ଗାଁର ଲୋକେ



ନୂଆପଡା ,(ପି.ଏ): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ଝୋଳ ପଥର ଓ ଏହାର ଆଖ ପାଖ ୫ଟି ଗ୍ରାମର ଲୋକେ ନେଟୱାର୍କ ପାଇନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ ଏଣୁ ଗତ ନଭେମ୍ବର ମାସରେ ଖଡିଆଳ ବ୍ଲକ ରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ରେ ଏକ ପ୍ରତିନିଧି ଦଳ ନୂଆପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଅଭିଯୋଗ ପରେ ମଧ ଏହାର କିଛି ଫଳାଫଳ ମିଳିନ ଥିବାରୁ ପୁଣି ଆଜି ଝୋଳପଥର ଗ୍ରାମରୁ ଏକ ଯୁବ ଗୋଷ୍ଟି ତୁକୁଲା ଗ୍ରାମକୁ ଯାଇ କଳାହାଣ୍ଡି ସାଂସଦ ମାଳବିକା ସିଂ ଦେଓ ଙ୍କୁ ଭେଟି ଏକ ମୋବାଇଲ ଟାୱାର ସ୍ଥାପନ କରିବା ପାଇଁ ଲିଖିତ ଆବେଦନ କରିଛନ୍ତି । ଏହାକୁ ନେଇ ସାଂସଦ ମାଳବିକା ସିଂ ଦେଓ ମଧ ଯଥାଶୀଘ୍ର ଏକ ଟାୱାର ସ୍ଥାପନ କରି କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଯତଦ୍ୱାରା ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି । ଆବେଦନ ପତ୍ର ପ୍ରଦାନ ସମୟରେ ଖଡିଆଳ ବ୍ଲକ ବିଜେପି ସଭାପତି ଗୋପବନ୍ଧୁ ବନ୍ଧିଛୋର , ଡୁଲେଶ୍ୱର ହେର୍ଣା, ଗୋପବନ୍ଧୁ ମେହେର, କୁଶଳ ମେହେର ,ଖଗେଶ୍ୱର ତାଣ୍ଡି, ମଣ୍ଟୁ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

# ରାମନାଗୁଡ଼ା ବ୍ଲକ୍ ଅଧକ୍ଷ୍ୟ ରବି ଗମାଙ୍ଗ ନିରୀହଙ୍କୁ ନାଲି ଆଖି ଓ ଧମକ୍ ଦେବାର ଅଭିଯୋଗ



ରାୟଗଡା ,(ପି.ଏନ) ରାୟଗଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକଷ୍ଟ ଶୁଣାଣି ବେଳେ ଗୋଟିଏ ଗୁରୁତ୍ୱ ପୂର୍ଣ୍ଣ ଅଭିଯୋଗ ଦେଖିବାକୁ ମିଳିଥିଲା କ୍ଷ ରାୟଗଡା ଜ଼ିଲ୍ଲା ରାମନାଗୁଡ଼ା ବ୍ଲକ୍ କୁଜେନ୍ଦ୍ରି ପଞ୍ଚାୟତ ଅନ୍ତର୍ଗତ ନାରାୟଣଗୁଡା ଗ୍ରାମ ଠାରେ ଜବରଦସ୍ତ ଅନ୍ୟର ପଟା ଜମି ରେ ପ୍ରଧାନ ମନ୍ତ୍ରୀ ଆବାସ ଗୃହ ନିର୍ମାଣ ଚାଲିଛି। ଜମିର ଉତ୍ତରାଧିକାରୀ ସାବିତ୍ରୀ ଗମାଙ୍ଗ ପ୍ରତିରଧ କରିବାରୁ ତାଙ୍କୁ ଧମକ୍ ଦେଇ ଗାଁ ରୁ ବାସନ୍ଦ କରିଥିବା ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ଙ୍କୁ ଜଣାଇଥିଲେ ସୁଧା କୌଣସି କାର୍ଯ୍ୟଅନୁଷ୍ଠାନ ନେଇନଥିବା ଅଭିଯୋଗ କରିଥିଲେ ସାବିତ୍ରୀ ଗମାଙ୍ଗ। ବି.ଡି.ଓ ଙ୍କୁ କେଉଁ ପଟା ଦେଇ ଘର ନିର୍ମାଣ କରୁଛନ୍ତି ବୋଲି ପଚାରିବାରୁ ବି ଡି ଓ ମହାଶୟ ଅନ୍ୟପଟା ଦେଇଛନ୍ତି କହି ମୁ ଆଉ ସେମାଙ୍କୁ ବିଲ୍ ଦେବିନାହିଁ କହିଥିଲେ କିନ୍ତୁ ଅଧକ୍ଷ୍ୟ ରବି ଗମାଙ୍ଗ ଙ୍କ ଚାପରେ ବିଡିଓ ପୁଣିଥରେ ଘର ନିର୍ମାଣ ପାଇଁ ଅନୁମତି ଦେଲେ ବୋଲି ସାବିତ୍ରୀ ଗମାଙ୍ଗ ଅଭିଯୋଗ କହିଥିଲେ। ଅନୁଚୟା ଗମାଙ୍ଗ ସ୍ୱାମୀ-ଉମା ଗମାଙ୍ଗ, ନମିତା ଗମାଙ୍ଗ ସ୍ୱାମୀ-ଲମ୍ବୋଧର ଗମାଙ୍ଗ ଦାଦାଗିରି କରି ଝଗଡା ଓ ଧମକ୍ ଦେଇ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ନିର୍ମାଣ କରିଛନ୍ତି ବୋଲି ସାବିତ୍ରୀ ଅଭିଯୋଗ କରିଛନ୍ତି। ଏଠାକାର ଖଳ ନାୟକ ଓ ମାଷ୍ଟର ମାଇଣ୍ଡ୍ ବ୍ଲକ୍ ଅଧକ୍ଷ୍ୟ ରବି ଶଙ୍କର ଗମାଙ୍ଗ ଲକଙ୍କୁ ଉସ୍କାଇ ମୁ ଚ୍ୟାର୍ ମେନ୍ ତମ ହାତରେ ଯାହା ହଉଛି ଓ କାହାକୁ କହୁଛ କୁହ ମର କିଛି କରିପାରିବେ ନାହିଁ ବୋଲି ଧମକ୍ ଦେଇଥିବା ସାବିତ୍ରୀ ଅଭିଯୋଗ କରିଛନ୍ତି। ସୂଚନା ଥାଉ କି ବ୍ଲକ୍ ଅଧକ୍ଷ୍ୟ ରବି ଗମାଙ୍ଗ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସେ ନିଜେ ଲକଙ୍କୁ ଧମକ୍ ଚମକ୍ ଦେଉଥିବା ଗ୍ରାମ ଓ ଅଞ୍ଚଳରେ ଚର୍ଚ୍ଚା ର ବିଷୟ ହଇଛି ବୋଲି ସାଧାରଣ ରେ ଚର୍ଚ୍ଚା ଚାଲିଛି। ନ୍ୟୁଜ୍ ପ୍ରସାରଣ ପରେ ଗଣମାଧମ ପ୍ରତିନିଧିଙ୍କୁ ମାଡ଼ ମାରିବା ଓ କେସ୍ କରିବି ବୋଲି ଧମକ୍ ଦେବାର ମଧ ଶୁଣିବାକୁ ମିଳିଛି। ତେବେ ସାଧାରଣ ପରିବାର ଙ୍କୁ ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ନ୍ୟାୟ ଦେବାରେ କେତେ ସଫଳ ହଉଛି।

# ବ୍ଲକ ସ୍ତରୀୟ ପ୍ରବାସୀ ଭାରତୀୟ ଦିବସ୍ ପ୍ରତିଯୋଗିତା ଅନୁଷ୍ଠିତ



ତେଲକୋଇ,(ପି.ଏନ) : ତେଲକୋଇ ବ୍ଲକ ମୁଖ୍ୟାଳୟ ଠାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଦିନ ପ୍ରବାସୀ ଭାରତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଦିବସରେ ଅତିରିକ୍ତ ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ମହାନ୍ତି ଙ୍କ ସଭାପତିତ୍ୱରେ କାର୍ଯକ୍ରମ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ପଦ୍ମଲୋଚନ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ବ୍ୟକ୍ତି ପ୍ରଫୁଲ୍ଲ କୁମାର ସାହୁ, ଦୋବଲାପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ବାରିକ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ବୋଇତା ସାମିଲ ହୋଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଅଷ୍ଟମ ଠାରୁ +୨ ପର୍ଯ୍ୟନ୍ତ ସମୁଦାୟ ବ୍ଲକର ୧୮୦ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତିନିଟି ବିଭାଗର ଯଥା ଅଷ୍ଟମ ପାଇଁ ପ୍ରବନ୍ଧ, ପୋଷ୍ଟର ପେଣ୍ଟିଂ ରହିଥିବା ବେଳେ ନବମ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ପାଇଁ ସେହିପରି ପ୍ରବନ୍ଧ ପୋଷ୍ଟର , ପେଣ୍ଟିଂ ଓ+୨ ଛାତ୍ରଛାତ୍ରୀଙ୍କ ପାଇଁ ସାଇକେଲିଂ, ପୋଷ୍ଟର ପେଣ୍ଟିଂ, ପ୍ରବନ୍ଧ, କୁଇଜ୍ ର ପ୍ରତିଯୋଗିତା ମାନ କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ତେବେ ପ୍ରତି ପ୍ରତିଯୋଗିତାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଜିଲ୍ଲା ସ୍ତରକୁ ମନୋନୀତ କରଯାଇଥିବା ବିଭାଗ ପକ୍ଷରୁ ସୂଚନା ରହିଛି। ଏହି ପ୍ରବାସୀ ଭାରତୀୟ ଦିବସରେ ଅନୁଷ୍ଠିତ ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତି ରହି ସହଯୋଗ କରିଥିଲେ।

# ଅଧକ୍ଷା, କାଉଁସିଲର୍ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ପ୍ରତୀକ ଧାରଣା ହଟିଲା



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ଜୟଦୁର୍ଗା ପ୍ରାଥମିକ ବିଦ୍ୟାଳୟ ତଥା ବାତ୍ୟା ଆଶ୍ରୟସ୍ଥଳୀର ଅତିରିକ୍ତ ଶ୍ରେଣୀଗୃହ ଛାତ ପଡ଼ିବା ଘଟଣାକୁ ଆଜିକି ୮ ମାସ ପୁରିବାକୁ ବସିଲାଣି ହେଲେ ଆଜି ଯାଏଁ ଏହାକୁ ଠିକ୍ କରାଯାଇପାରି ନାହିଁ । ଏବେବି ଏହା ଅସୁରକ୍ଷିତ ଅବସ୍ଥାରେ ଅଛି । ଛାତ୍ରଛାତ୍ରୀ ମାନେ ପଠା ପଢ଼ିବାରୁ ବଞ୍ଚିତ ହେଉଥିଲେ । ଏହି ବାତ୍ୟା ଆଶ୍ରୟସ୍ଥଳୀ ଟି ଭାଙ୍ଗି ଯିବାରୁ ଚଳିତ ବର୍ଷ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ପୁନଃଷ୍ଟ ଶ୍ରେଣୀଗୃହ ନ ଥିବାରୁ ଚଳିତ ବର୍ଷ ପୋଲିଂ ବୁଥ୍ ମଧ୍ୟ ଏହି ବିଦ୍ୟାଳୟରେ ହୋଇପାରିଲା ନାହିଁ। ଯାହା ଫଳରେ ଲୋକମାନେ ବହୁତ୍ ଦୂରକୁ ଭୋଟ ଦେବାକୁ ଯିବାପାଇଁ ବାଧ ହେଲେ ।ବାରମ୍ଭାର ଅଭିଯୋଗ ପରେ ମଧ କୌଣସି ଅଧିକାରୀ ଏ ସମସ୍ୟାର ସମାଧାନ ପାଇଁ ତତ୍ପର ହେଉ ନଥିଲେ । ଯାହା ଫଳରେ ଉକ୍ତ ବିଦ୍ୟାଳୟର ଅଭିଭାବକ ଏବଂ ଗ୍ରାମବାସୀ ଉକ୍ତ ବିଦ୍ୟାଳୟକୁ ଜାନୁଆରୀ ୬ ତାରିଖରୁ ବନ୍ଦ୍ କରିବା ଏବଂ ବିଦ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଦେବାପାଇଁ ଜିଲ୍ଲାପାଳଙ୍କ ସମେତ ଉପଜିଲ୍ଲାପାଳ ଏବଂ ବିଭିନ୍ନ ଅଧିକାରୀଙ୍କୁ ଜଣାଇଥିଲେ । ଆଜି ଏ ପ୍ରତୀକ ଧାରଣା ଚାଲିଥିବା ବେଳେ ଆନନ୍ଦପୁର ପୌରପରିଷଦ ଅଧକ୍ଷା ରଜନୀରାଣୀ ଖଟୁଆ, କାଉଁସିଲର୍ ନିବେଦିତା ବେହେରା, ସନତ କୁମାର କର, ସୁରେନ୍ଦ୍ର କୁମାର୍ ଦାସ ଏବଂ ଆନନ୍ଦପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଅଭିଭାବକ, ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀ ପ୍ରତୀକ ଧାରଣାରୁ ଉଠିଥିଲେ । ବିଦ୍ୟାଳୟ ସ୍ୱାଭାବିକ ହୋଇଥିଲା ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଫେବୃଆରୀ ୨୮

# ଜାତୀୟ ସବୁଜ ଅଦାଲତର ଭୂମିକା


ଯୁଧିଷ୍ଠିର ମହାରଣା

ସାଧାରଣତଃ ଆମେ ବାୟୁ, ଜଳ, ଶବ୍ଦ ପ୍ରଦୂଷଣର ଭୟାବହତା ବିଷୟରେ ଊଣା ଅଧିକେ ଜାଣିଛେ। ମୁଖ୍ୟତଃ କଳକାରଖାନା, ଖଣି ଖାଦାନ, ଯାନବାହାନ, ଶୀତତପ ନିୟନ୍ତ୍ରଣ ଯନ୍ତ୍ର ପ୍ରଭୃତିରୁ ନିର୍ଗତ ବାୟୁ ପ୍ରଦୂଷଣ ସୃଷ୍ଟି କରେ। ଅପରପକ୍ଷରେ ଜଣେ ମଣିଷ ପାଇଁ ଦିନକୁ ୧୦ରୁ ୧୫ ଲିଟର ଶୁଦ୍ଧ ବାୟୁ ଆବଶ୍ୟକ। ଏହାର ଅଭାବରେ ଗତ କରୋନା ସମୟରେ କିପରି ହଜାର ହଜାର ରୋଗୀଙ୍କ ମୃତ୍ୟୁ ଘଟିଥିଲା ତାହା ବିଷୟରେ ଆମେ ଜାଣିଛେ। ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ପ୍ରକାର ମାରାତ୍ମକ ରୋଗ ମଧ୍ୟ ସୃଷ୍ଟି ହୁଏ। ସେହିପରି ଜଣଙ୍କ ପାଇଁ ଦିନକୁ ୩ରୁ ୫ ଲିଟର ବିଶୁଦ୍ଧ ପାନୀୟ ଜଳର ଆବାଶ୍ୟକତା ହୁଏ। ମାତ୍ର ଜଳ ବିଭିନ୍ନ କାରଣରୁ ପ୍ରଦୂଷିତ ହୋଇ ଜୀବଜଗତ ପାଇଁ ଆଉ ଏକ ମୁଖ୍ୟ ସମସ୍ୟା ସୃଷ୍ଟି କରୁଛି। ଶିଳ୍ପରୁ ବର୍ଜ୍ୟଜଳ, ସାର, କୀଟନାଶକ ପଦାର୍ଥ, ଲୋକମାନଙ୍କର ବ୍ୟବହୃତ ଆବର୍ଜନା ଇତ୍ୟାଦି ନଦୀନାଳରେ ମିଶି ଜଳ ପ୍ରଦୂଷଣ ସୃଷ୍ଟି ହୁଏ। ତା ଦ୍ୱାରା ବିଭିନ୍ନ ସଂକ୍ରାମକ ଓ ପ୍ରାଣଘାତୀ ରୋଗ ସୃଷ୍ଟି ହୁଏ। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏହି ସମସ୍ୟା ଅଧିକ ଦୃଷ୍ଟି ଗୋଚର ହୁଏ। ସେହିପରି କଳା-କାରଖାନା, ଖଣି-ଖାଦାନମାନଙ୍କରୁ ସୃଷ୍ଟ ଶବ୍ଦ ରକ୍ତଚାପ ବୃଦ୍ଧି ସହିତ ଶ୍ରବଣ ଓ ହୃଦଘାତ ସମସ୍ୟା ସୃଷ୍ଟି କରେ। ମଣିଷ ବ୍ୟତୀତ ପ୍ରାଣୀମାନେ ମଧ୍ୟ ଶବ୍ଦ ପ୍ରଦୂଷଣର ଶିକାର ହୁଅନ୍ତି।

ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଳକାରକାନା ଓ ଖଣିଖାଦାନର ମାଲିକ, ଠିକାଦାର, ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ପ୍ରମୁଖ ଭୂମିକା ରହିଥିବାବେଳେ ଏ ଦିଗରେ ଉଦ୍ୟମ ସମୁଦ୍ରକୁ ଶଙ୍ଖେ ପରି। ସର୍ବୋପରି ପ୍ରଦୂଷଣ ଗ୍ରାମ, ସହର, ଜିଲ୍ଲା, ରାଜ୍ୟ, ଦେଶର ସୀମା ସରହଦକୁ ମାନେ ନାହିଁ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବହୁ ନିୟମ କାନୁନ ଅଛି। ସେଗୁଡ଼ିକ ମଧ୍ୟରେ ଜାତୀୟ ପରିବେଶ ଆଇନ, ଜଳ ପ୍ରଦୂଷଣ ଆଇନ, ବାୟୁ ପ୍ରଦୂଷଣ ଆଇନ, ବନ୍ୟଜନ୍ତୁ ଆଇନ, ଜଙ୍ଗଲ ସଂରକ୍ଷଣ ଆଇନ, ଭାରତୀୟ ପିଙ୍ଗଲ କୋଡ଼ ଅନ୍ୟତମ। ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଏ ସମ୍ପର୍କିତ ଆଇନ କାନୁନ ତଦାରଖ ପାଇଁ କେନ୍ଦ୍ର ଓ ରାଜ୍ୟ ସ୍ତରରେ ପ୍ରଦୂଷଣ ବୋର୍ଡ଼ ମଧ୍ୟ ଗଠନ କରାଯାଇଛି।

ସରକାରୀ ସଂସ୍ଥା, ମ୍ୟୁନିସିପାଲଟି, ଜିଲ୍ଲାପାଳ, ତହସିଲଦାର, ବେସରକାରୀ ଅନୁଷ୍ଠାନ, କ୍ଷତିଗ୍ରସ୍ତ ଅଞ୍ଚଳର ଯୁବକ ସଂଘ କିମ୍ବା ବ୍ୟକ୍ତିବିଶେଷ ପ୍ରଦୂଷଣ ସୃଷ୍ଟିକାରୀଙ୍କ ବିରୁଦ୍ଧରେ ସ୍ଥାନୀୟ ଅଦାଲତରେ ମାମଲା ଦାୟର କରି ପ୍ରତିକାର ଲୋଡ଼ି ପାରିବେ। ମାତ୍ର ମାମଲା ଖର୍ଚ୍ଚ ଓ ସମୟ ଦୃଷ୍ଟିରୁ ଠିକ ସମୟରେ ଅନେକେ ମାମଲା କରି ପାରନ୍ତି ନାହିଁ। ଗୋଟିଏ ମାମଲାର ଫଇସଲା ହେବାକୁ ବର୍ଷ ବର୍ଷ ବିତିଯାଏ। କେତେକ ସ୍ଥଳରେ ମାମଲାର ରାୟ ପ୍ରକାଶ ହେବା ପରେ ତାହାକୁ ଚ୍ୟାଲେଞ୍ଜ କରି ପୁନଃ ବିଚାର ଆବେଦନ କରାଯାଉଥିବା ଦେଖାଯାଏ। ଏହି ଜଟିଳ ପ୍ରକ୍ରିୟାରେ ଅନେକ ସମୟ ଚାଲିଯାଇଥାଏ। ଅନେକ ଧନଜୀବନ ମଧ୍ୟ କ୍ଷତି ଘଟିଥାଏ। ପରିବେଶର ପ୍ରଭୂତ କ୍ଷତି ସାଧନ ହୁଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ଦେଶର ନ୍ୟାୟାଧୀଶମାନେ ଦେଇଥିବା ପରାମର୍ଶ ଆଧାରରେ କେନ୍ଦ୍ର ସରକାର ସଂସଦର ଅନୁମୋଦନକ୍ରମେ ନୂତନ ଜାତୀୟ ସବୁଜ ଅଦାଲତ ସ୍ଥାପନ କରିଛନ୍ତି। ଏହା ୧୮.୧୦.୨୦୧୨ରୁ କାର୍ଯ୍ୟକାରୀ ହୋଇଆସୁଛି। ଏହି ଅଦାଲତ ଭାରତର ଜଙ୍ଗଲ ସମ୍ପଦ, ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ସୁରକ୍ଷା, ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ପରିବେଶ ସୁରକ୍ଷା ପାଇଁ ଆଇନଗତ ଅଧିକାର ପ୍ରଦାନ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ, ପ୍ରଦୂଷଣଜନିତ କ୍ଷୟକ୍ଷତିର ଭରଣା, ପରିବେଶ ସମସ୍ୟାର ତ୍ୱରିତ ଫଇସଲା ଆଦି କରିଥାଏ। ଏହି ଅଦାଲତମାନଙ୍କର ଦଣ୍ଡ ବ୍ୟବସ୍ଥା ବହୁତ କଠୋର। ରାଜଧାନୀ ନୂଆଦିଲ୍ଲୀ ଠାରେ ସବୁଜ ଅଦାଲତର ମୁଖ୍ୟ କାର୍ଯ୍ୟାଳୟ ଥିବାବେଳେ ଭୋପାଳ, ପୁନ୍ନେ, ଚେନ୍ନାଇ ଓ କୋଲକାତାରେ ଆଞ୍ଚଳିକ ଶାଖା କାର୍ଯ୍ୟାଳୟମାନ ରହିଛି। ଓଡ଼ିଶାର ଏ ସମ୍ପର୍କିତ ମାମଲା କୋଲକାତା ସବୁଜ ଅଦାଲତ ଅଧୀନରେ ଆସୁଛି। କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ସର୍ବୋଚ୍ଚ କିମ୍ବା ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶମାନେ ଏମାନଙ୍କର ସଭାପତି ଓ ନ୍ୟାୟାଧୀଶ ପଦରେ ନିଯୁକ୍ତ ପାଆନ୍ତି। ସେହିପରି ସ୍ୱନାମଧନ୍ୟ ଓକିଲ ଓ ଉଚ୍ଚ ସରକାରୀ ଅଧିକାରୀମାନେ ଏହାର ସଦସ୍ୟ ରୂପେ କାର୍ଯ୍ୟ କରନ୍ତି। ଏହି ଅଦାଲତରେ ଯେ କୌଣସି ଅନୁଷ୍ଠାନ, ବ୍ୟକ୍ତିବିଶେଷ, ପ୍ରଦୂଷଣ ସୃଷ୍ଟିକାରୀ ଅନୁଷ୍ଠାନ , ସରକାର, ସରକାରୀ କର୍ମଚାରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଆଦିଙ୍କ ବିରୁଦ୍ଧରେ ନୋଟିସ ଦେଇ ନିର୍ଦ୍ଦିଷ୍ଟ ସମୟରେ ସବୁଜ ଅଦାଲତରେ ବିନା ଓକିଲ ଖର୍ଚ୍ଚରେ ମାମଲା ଦାୟାର କରାଯାଇପାରିବ।

ଜାତୀୟ ସବୁଜ ଅଦାଲତର କେତୋଟି ଉଲ୍ଲେଖନୀୟ ଆଦେଶ ବିଷୟରେ ବର୍ତ୍ତମାନ ସଂକ୍ଷିପ୍ତ ଆଲୋଚନା କରିବା। ଢ଼େଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ତହସିଲରେ ଥିବା ଏକ ପଥର ଖଣି ମାଲିକ ଅନୁମତି ଠାରୁ ଅଧିକ ଉତ୍ତୋଳନ, ବେଆଇନ ବ୍ଲାଷ୍ଟିଙ୍ଗ, ବେଆଇନ ଗଛକଟା, ଅତ୍ୟଧିକ ଧୂଳି ବାୟୁ ପ୍ରଦୂଷଣ ସୃଷ୍ଟି କରିବା ଅଭିଯୋଗର ସବୁଜ ଅଦାଲତ ବିଚାର କରି ପାଞ୍ଚ କୋଟି ଟଙ୍କାର ଜୋରିମାନା ଆଦେଶ ପ୍ରଦାନ କରିଛନ୍ତି। ସମ୍ବଲପୁର ଜିଲ୍ଲାର ଏକ ଓପନ କାଷ୍ଟ କୋଇଲା ଖଣିରେ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଉତ୍ତୋଳନ, ଖଣି କାମ ଶେଷ ହେବାପରେ ଖୋଲା ଜାଗାକୁ ନପୋତିବା, ବୃକ୍ଷରାଜିର ନଷ୍ଟ, ଖଣି ଚାରିପଟେ ସବୁଜ ବଳୟ ସୃଷ୍ଟି ନକରିବା, ଭୟଙ୍କର ବାୟୁ ପ୍ରଦୂଷଣ ସୃଷ୍ଟି ଆଦି ଅଭିଯୋଗ ଆଧାରରେ ସବୁଜ ଅଦାଲତ ୧୦ କୋଟି ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ପୁନଶ୍ଚ ଜନୈକ ତହସିଲଦାରଙ୍କ ବେଆଇନ ଭାବେ ନଦୀରୁ ବାଲୁକା ଉତ୍ତୋଳନ ଅଭିଯୋଗ ବିରୋଧରେ ତୁରନ୍ତ ନିକଟସ୍ଥ ଥାନାରେ ମାମଲା ଦାଏର କରିବାକୁ ସବୁଜ ଅଦାଲତ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୁବର୍ଣ୍ଣରେଖା ନଦୀରେ ବେଆଇନ ବାଲୁକା ଖନନ ବିଷୟରେ ଠିକାଦାରଙ୍କୁ ସୁହାଇଲା ପରି ଅନୁସନ୍ଧାନ ରିପୋର୍ଟ ଦିଆଯାଇଥିବା ଅଭିଯୋଗ ଆସିବା ପରେ ପୁନର୍ବାର ଉପଗ୍ରହ ସୂଚନାରେ ଏକ ବିଜ୍ଞାନଭିତ୍ତିକ ମିଳିତ ଅନୁସନ୍ଧାନ ରିପୋର୍ଟ ଜିଲ୍ଲା ଖଣି ଅଧିକାରୀ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ ଓ ଅନ୍ୟ ସରକାରୀ ଅଧିକାରୀଙ୍କୁ ନେଇ ତୁରନ୍ତ ପ୍ରଦାନ କରିବାକୁ ସବୁଜ ଅଦାଲତ ଆଦେଶ ଦେଇଛନ୍ତି।

*ଆଇନଜୀବୀ,*
*ଓଡ଼ିଶା ହାଇକୋର୍ଟ, କଟକ*

# ୩ବର୍ଷରେ ଋଷ-ୟୁକ୍ରେନ ଯୁଦ୍ଧ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଋଷ-ୟୁକ୍ରେନ ଯୁଦ୍ଧ ତିନି ବର୍ଷ ପୁରିଯାଇଥିବାବେଳେ କେବେ ଏହାର ଅନ୍ତଘଟିବ ଏହି କହିବା ମୁସ୍କିଲ କିନ୍ତୁ ଏହା ନିସନ୍ଦେହ ଯେ, ଏହା ହେଉଛି, ଭୂଭାଗ ନେଇ ସବୁଠାରୁ ବଡ ମାନବିକ ଟ୍ରାଜେଡି। ନିଜ ଭୂଖଣ୍ଡର ସୁରକ୍ଷା ପାଇଁ ଏବଂ ଆତ୍ମ ସମ୍ମାନ ସୁରକ୍ଷା ପାଇଁ ଏହି ଯୁଦ୍ଧ ଲାଗିଛି। ଯୁଦ୍ଧରେ ପ୍ରାୟ ୧ ନିୟୁତରୁ ଉର୍ଦ୍ଧ୍ୱ ନିହତ ଓ ଆହତ ହୋଇଥିବାବେଳେ ଏକଦା ବିଶ୍ୱର ସବୁଠୁ ସୌନ୍ଦର୍ଯ୍ୟମୟୀ ନଗର ଭାବେ ପରିଚିତ ଥିବା ୟୁକ୍ରେନର ରାଜଧାନୀ କିଭ୍ ଏବେ ଶ୍ରୀହୀନ ହୋଇ ଯାଇଛି। କେବଳ ଏତିକି ନୁହେଁ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ହେଉଛି ୟୁରୋପ ମହାଦେଶର ସବୁଠାରୁ ରକ୍ତପାତର ଲଢେଇ। ରୁଷର ଅହରହ ଆକାଶମାର୍ଗରୁ ବୋମାମାଡ ଏବଂ ଡ୍ରୋନ ଆକ୍ରମଣରେ ୟୁକ୍ରେନର ବହୁ ସହର କ୍ଷତିଗ୍ରସ୍ତ ହୋଇଛି। ଲକ୍ଷ ଲକ୍ଷ ଲୋକ ଯେଉଁମାନଙ୍କ ମଧ୍ୟରେ ବହୁ ଶିଶୁ ଓ ମହିଳା ଅଛନ୍ତି, ମୃତ୍ୟୁବରଣ କରିସାରିଲେଣି। ହଜାର ହଜାର ୟୁକ୍ରେନବାସୀ ଦେଶ ଛାଡି ପଡୋଶୀ ଦେଶଗୁଡିକ ଶରଣାର୍ଥୀ ଭାବେ ଆଶ୍ରୟ ନେଇଛନ୍ତି। ରୁଷ ଆକ୍ରମଣରୁ ୟୁକ୍ରେନର ହସ୍ପିଟାଲ ଓ ସ୍କୁଲଗୁଡିକ ମଧ୍ୟ ବାଦ ପଡିନାହିଁ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଆଣବିକ ଶକ୍ତିର ଅଧିକାରୀ ରୁଷ ବାରମ୍ବାର ଆଣବିକ ଆକ୍ରମଣ ଧମକ ଦେଇଥିବା ସତ୍ୱେ ବର୍ତ୍ତମାନ ସୁଦ୍ଧା ଆଣବିକ ଯୁଦ୍ଧ କରିନାହିଁ। ସେହିପରି ରୁଷର ଶକ୍ତି, ସାମର୍ଥ୍ୟ ତୁଳନାରେ ୟୁକ୍ରେନ ସମ୍ପୂର୍ଣ୍ଣ ନଗଣ୍ୟ ଥିବାବେଳେ ଆମେରିକାର ଆର୍ଥୀକ ସହାୟତା ଏବଂ ୟୁରୋପୀୟ ରାଷ୍ଟ୍ରଗୁଡିକର ସମର୍ଥନରେ ଦୀର୍ଘ ୩ବର୍ଷ ବୃହତ ସାମରିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ରୁଷ ସହ ଲଢେଇ କରି ଆସିଛି। ନିକଟରେ ଆମେରିକାରେ କ୍ଷମତା ପରିବର୍ତ୍ତନ ପରିବର୍ତ୍ତେ ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ୟୁକ୍ରେନକୁ ସମସ୍ତ ସାମରିକ ଓ ଆର୍ଥୀକ ସହାୟତା ବନ୍ଦ କରିବାକୁ ଘୋଷଣା କରିଛନ୍ତି ଏବଂ ୟୁରୋପୀୟ ରାଷ୍ଟ୍ରଗୁଡିକ ସହ ଏକ ପ୍ରକାର ସମ୍ପର୍କ ଛିନ୍ନ କରିବା ଚେତାବନୀ ଦେଇଛନ୍ତି। ଯାହାକି ୟୁକ୍ରେନର ପରାଜୟକୁ ଏକ ପ୍ରକାର ସୁନିଶ୍ଚିତ କରିଦେବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ସମ୍ଭବତଃ ଆସନ୍ତା ସପ୍ତାହରେ ରୁଷ ନିଜର ବିଜୟ ଘୋଷଣା କରିବା ବିଶ୍ୱାସ କରାଯାଏ। ଏହା ସତ୍ୟ ଯେ, ରୁଷ-ୟୁକ୍ରେନ ମଧ୍ୟରେ ଗଭୀର ଧାର୍ମିକ, ଜାତିଗତ, ସାଂସ୍କୃତିକ ସମ୍ପର୍କ ରହିଛି। ନବେଦଶକ ପୂର୍ବରୁ ୟୁକ୍ରେନ ସୋଭିଏତ ୟୁନିୟନର ଅଂଶ ବିଶେଷ ଥିଲା। ସୋଭିଏତ ୟୁନିୟନର ବିଲୟ ପରେ ୟୁକ୍ରେନ ଏକ ସ୍ୱାଧୀନ ଓ ସାର୍ବଭୌମତ୍ୱ ରାଷ୍ଟ୍ର ଭାବେ ଘୋଷଣା କରିଥିଲା। ମାତ୍ର ୟୁକ୍ରେନ ଏକ ସ୍ୱାଧୀନ ଓ ସାର୍ବଭୌମତ୍ୱ ରାଷ୍ଟ୍ର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁ ଏହା ରୁଷ ଚାହେଁ ନାହିଁ। ଆହୁରି ମଧ୍ୟ ୟୁକ୍ରେନ ନାଟୋ'ର ସଦସ୍ୟତା ଆବେଦନକୁ ବିରୋଧ କରି ରୁଷ ନିଜ ଆଡୁ ହଠାତ ଆକ୍ରମଣ କରିଥିଲା। 'କିଚକ ବାହୁବଳେ ବିରାଟ ରାଜା' ପରି ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡିକରେ ସହାୟତା ଓ ସମର୍ଥନରେ ୟୁକ୍ରେନ ରୁଷ ସହ ଦୀର୍ଘ ୩ବର୍ଷ ଧରି ଲଢେଇ ଜାରି ରଖିଛି। ଏବେ ଆମେରିକା ୟୁକ୍ରେନର ହାତ ଛାଡିଦେଇଥିବାବେଳେ ୟୁରୋପୀୟ ରାଷ୍ଟ୍ରଗୁଡିକ ମଧ୍ୟରେ ବିଭେଦ ଦେଖାଦେଇଛି। ଯୁକ୍ତରାଷ୍ଟ୍ର ଆମେରିକା ଯେ କି ୟୁକ୍ରେନର ପ୍ରତିରକ୍ଷା ଉପରେ ବିପୁଳ ସମ୍ବଳ ଦେଇଥିବା ବେଳେ ଆନ୍ତର୍ଜାତିକ ସମର୍ଥନ ପାଇଁ ଉଦ୍ୟମ ଜାରି ରଖିଥିଲା। କିନ୍ତୁ ୱାଂଶିଟନରେ କ୍ଷମତା ପରିବର୍ତ୍ତନ ପରେ ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ପ୍ରଶାସନ ତା'ର ଆଭିମୁଖ୍ୟ ପରିବର୍ତ୍ତନ କରିଛି। ଉଲ୍ଲେଖଯୋଗ୍ୟ ଯେ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡମିର ଜେଲେନସ୍କି ଆମେରିକା ଏକଦା ଲଢୁଆ ବୀର ଭାବେ ଉପସ୍ଥାପିତ କରିଥିବାବେଳେ ଟ୍ରମ୍ପ ପ୍ରଶାସନ ତାଙ୍କୁ ଆମେରିକାର ପାଣ୍ଠିର ଅପବ୍ୟବହାରୀକାରୀ ଜଣେ ଦୁର୍ନୀତିଗ୍ରସ୍ତ ରାଜନେତା ଭାବେ ଦୁର୍ନାମ ରଚନା କରିଛି। ଇତି ମଧ୍ୟରେ ମଧ୍ୟ ଯୁଦ୍ଧକୁ ଉସକାଇଥିବା ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଆଲୋଚନା କରିବା ପାଇଁ ରୁଷ ଆଗ୍ରହ ପ୍ରକାଶ କରିଛି। କେବଳ ଏତିକି ନୁହେଁ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା-ରୁଷ ମଧ୍ୟରେ ଯେଉଁ ସହଯୋଗିତାର ଯୁଗ ଆରମ୍ଭ ହୋଇଥିଲା, ତାହାକୁ ପୁର୍ନଜୀବୀତ କରାଇବା ପାଇଁ ରୁଷର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଆଗ୍ରହ ପ୍ରକାଶ କରିଛନ୍ତି। କୌଣସି ସମୟରେ ଯୁଦ୍ଧର ଅବସାନ ଘଟିବା ଆଶଙ୍କା ସୃଷ୍ଟି ହୋଇଛି।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ଜରାରୋଗ ବିଭାଗର ସତେଜତା ଫେରୁ !


ବାଦଲ ଭୂୟାଁ

୨୦୧୧ ଜନଗଣନା ବେଳକୁ ଦେଶରେ ୧୪ କୋଟିରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଥିଲେ। ଏ ସଂଖ୍ୟା ଏବେ ଆହୁରି ବଢ଼ିଥିବ। ଆମ ରାଜ୍ୟରେ ୪୦ ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ଅଛନ୍ତି। ମୋଟ ଜନସଂଖ୍ୟାର ୧୦ ପ୍ରତିଶତ ଏ ସଂଖ୍ୟା। ଗ୍ରାମାଞ୍ଚଳରେ ଅଛନ୍ତି ୮୬ ପ୍ରତିଶତ। ଏମାନଙ୍କ ଭିତରୁ ୪୫ ପ୍ରତିଶତ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି। ୨୦୨୬ ମସିହା ବେଳକୁ ରାଜ୍ୟରେ ଜରାଗ୍ରସ୍ତ ଲୋକଙ୍କ ସଂଖ୍ୟା ୬୨.୬୯ ଲକ୍ଷରେ ପହଞ୍ଚିଥିବ ବୋଲି ଜଣାଯାଏ। ମୋଟ ଜନସଂଖ୍ୟାର ଏହା ୧୩ ପ୍ରତିଶତ ହେବ। ବାର୍ଦ୍ଧକ୍ୟରେ ପହଞ୍ଚିଲେ ବିଭିନ୍ନ ପ୍ରକାର ରୋଗ ଡକାହକା ହୋଇ ଚାଲିଆସନ୍ତି ଶରୀରକୁ। ଶାରୀରିକ ସମସ୍ୟା ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରେ। ଏବେ ଦେଖାଯାଉଛି ପ୍ରତିଟି ପରିବାରରେ ବୟସ୍କ ବାପା-ମା ପିଲାମାନଙ୍କ ପାଇଁ ସମସ୍ୟା ପାଲଟିଛନ୍ତି। ଯେଉଁ ପିଲାମାନେ ବାପା-ମା'ଙ୍କ ଠାରୁ ଦୂରରେ ରହି ନିଜ ବୃତ୍ତିରେ ନିୟୋଜିତ ଅଛନ୍ତି ସେମାନେ ଖୁବ ମାନସିକ ଚାପ ଭିତରେ ରହୁଛନ୍ତି। ଉଚ୍ଚଶିକ୍ଷା ପରେ ମନଲାଖି ଚାକିରି ପାଇଁ ସେମାନଙ୍କୁ ଘର ଛାଡ଼ିବାକୁ ବାଧ ହେବାକୁ ପଡୁଛି। ଯେଉଁମାନେ ରାଜ୍ୟ ବାହାରେ ଏବଂ ଦେଶ ବାହାରେ ଅଛନ୍ତି ସେମାନଙ୍କ ପାଇଁ ବୃଦ୍ଧ ବାପା-ମା ସମସ୍ୟା ପାଲଟୁଛନ୍ତି। ଏ ସମୟରେ ସେମାନେ ଅସୁସ୍ଥ ହୋଇପଡ଼ିଲେ ସମସ୍ୟା ଅଣାୟତ୍ତ ହୋଇପଡୁଛି। ବାଧ ହୋଇ ଅନେକ ବାପା-ମାଙ୍କୁ ଜରା ନିବାସକୁ ଯିବାକୁ ପଡୁଛି। ଏଭଳି ଲୋକଙ୍କ ପାଖରେ ଅର୍ଥର ଅଭାବ ନଥାଇପାରେ, କିନ୍ତୁ ନିଜ ଲୋକଙ୍କ ଆହା ଏବଂ ସାହାରରୁ ବଞ୍ଚିତ ହେଉଛନ୍ତି ଏମାନେ, ଏଇ କାରଣରୁ ବେଶି ଅସୁସ୍ଥ ହୋଇପଡୁଛନ୍ତି ଅସହାୟତାର ଭୟରେ।ଦାରିଦ୍ର୍ୟ ଏବଂ ବାର୍ଦ୍ଧକ୍ୟ ଯେଉଁଠି ଏକାଠି ସେଠି ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ବାର୍ଦ୍ଧକ୍ୟଜନିତ ରୋଗର ଚିକିତ୍ସା ପାଇଁ ଆମ ରାଜ୍ୟରେ କୌଣସି ସୁବିଧା ନାହିଁ। ଏଥିପାଇଁ ବିଶେଷଜ୍ଞ ପରାମର୍ଶ ଏବଂ ଚିକିତ୍ସା ଦରକାର ହୋଇଥାଏ। ସବୁ ଡାକ୍ତର ବାର୍ଦ୍ଧକ୍ୟ ଜନିତ ରୋଗର ଚିକିତ୍ସା କରିପାରନ୍ତିନି ଠିକ ଭାବରେ। ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶରେ ବାର୍ଦ୍ଧକ୍ୟଜନିତ ରୋଗ ବିଭାଗ ରହିଛି ହସ୍ପିଟାଲମାନଙ୍କରେ। ଆମ ଦେଶରେ ଏଯାଏ ଏ ଚିକିତ୍ସା ସମସ୍ତ ପାଇଁ ଉପଲବ୍ଧ ହୋଇପାରନି। ପୂର୍ବ ଭାରତର ଏସସିବି ମେଡ଼ିକାଲ କଲେଜରେ ହିଁ କେବଳ ଜରାରୋଗ ବିଭାଗ ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏ ବିଭାଗଟ ନିଜେ ଏବେ ଜରାଗ୍ରସ୍ତ ବୋଲି ଖବରରୁ ଜଣାଯାଇଛି।

ଆଗକୁ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢ଼ିବ। ଏମାନେ ପିଲାଙ୍କ ଉପରେ କିଭଳି ବୋଝ ନହେବେ ଏବଂ ଏମାନଙ୍କ ଚିନ୍ତାରେ ପିଲାଏ ବ୍ୟସ୍ତ ନରହି କିଭଳି ସେମାନଙ୍କ କାମରେ ମନ ଦେଇପାରିବେ ସେ ଦିଗକୁ ଚିନ୍ତା କରି ପ୍ରତିଟି ସରକାରୀ ହସ୍ପିଟାଲରେ ଜରାରୋଗ ବିଭାଗ ଖୋଲାଯିବା ଉପରେ ଏବେଠୁ ଗୁରୁତ୍ୱ ଦେବା ଉଚିତ। ଆଗାମୀ ଦିନରେ ଜରାଗ୍ରସ୍ତ ବ୍ୟକ୍ତିମାନେ ସେମାନଙ୍କ ପିଲାଙ୍କ ପାଇଁ ଏବଂ ରାଜ୍ୟ ପାଇଁ ବୋଝ ନହୁଅନ୍ତୁ। ବାପା-ମା ସମସ୍ୟା ଏକଥା ପିଲାଏ ଅନୁଭବ ନକରନ୍ତୁ।

*୪ଜି, ପ୍ରତାପ ଆପାର୍ଟମେଣ୍ଟ,*
*୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୯୨୦୪୬୫୨୦୬୫*

# ଧୈର୍ଯ୍ୟ,ସହନଶୀଳତା ଏବଂ ଶାନ୍ତିର ଆବଶ୍ୟକତା

**ମୌଲାନା ଫଜଲ ହକ ଖାନ୍**

ଈଶ୍ୱର ମଣିଷକୁ ସଂସାରରେ ସର୍ବୋତ୍କୃଷ୍ଟ ପ୍ରାଣୀ ରୂପେ ଜନ୍ମ ଦେଇଛନ୍ତି । ମଣିଷ ଭଳି ପଶୁ-ପକ୍ଷୀମାନେ ବି ରହିବା ପାଇଁ ବାସ ସ୍ଥଳି ଖୋଜିଥାନ୍ତି ଏବଂ ତିଆରି ବି କରିଥାନ୍ତି। ପକ୍ଷୀ ଅଣ୍ଡା ଦେଇଥିବା ବେଳେ ପଶୁମାନେ ଛୁଆ ଜନ୍ମ କରିଥାନ୍ତି। ଘର ସଂସାର ବି କରିଥାନ୍ତି। ମଣିଷ ବି ଏହି ଭଳି କରିଥାଏ । କିନ୍ତୁ ମଣିଷ ଓ ପଶୁ-ପକ୍ଷୀଙ୍କ ମଧ୍ୟରେ ଗୋଟିଏ ଫରକ ରହିଛି । ଯାହା ମଣିଷକୁ ସେମାନଙ୍କ ଠାରୁ ସର୍ବୋତ୍କୃଷ୍ଟ ଭାବେ ମର୍ଯ୍ୟାଦା ଦେଇପାରିଛି । ତାହା ହେଲା ବିବେକ। ଭଲ-ମନ୍ଦ ବିଚାର କରିବାର ଶକ୍ତି । ବୁଝି-ବିଚାରି କାର୍ଯ୍ୟ କରିବାର ପ୍ରତିଭା । ବିଶ୍ୱର ବିକାଶ ଓ ଉନ୍ନତି ପ୍ରଖର ଗତିରେ ହେବା ସହ ସମସ୍ୟା ମଧ୍ୟ ବଢିଚାଲିଛି । ଉତ୍କୃଷ୍ଟ ମଣିଷ ପାଖେ ସେ ସବୁ ସମସ୍ୟାର ସମାଧାନ ଓ ସାଧନା ରହିଛି । କିନ୍ତୁ ବିଡ଼ମ୍ବନା ଏତିକି ହେଲା ଯେ ଉଚିତ୍ ସମୟରେ ବୁଝି-ବିଚାରି ତାକୁ ପ୍ରୟୋଗ କରି ପାରୁନାହିଁ । ତା' ପ୍ରତି ପ୍ରୟାସ କରି ପାରୁନାହିଁ । ଗୋଟିଏ ମେଣ୍ଢା ପାଣିକୁ ଡ଼େଇଁଲା ମାତ୍ରେ ସବୁ ମେଣ୍ଢା ତା' ଦେଖାଦେଖି ପାଣିକୁ ଡ଼େଇଁ ପଡ଼ିଥାନ୍ତି । ସେହିଭଳି ଅନେକ ବ୍ୟକ୍ତି ବୁଦ୍ଧି-ଜ୍ଞାନ ଥାଇ ମଧ୍ୟ, ବିବେକ ହରା ହୋଇ ଯାଇଥାଆନ୍ତି । ଫଳସ୍ୱରୂପ ସମାଜରେ ଭିନ୍ନ ଭିନ୍ନ ସମସ୍ୟା ଉପୁଜିଥାଏ । ଅରାଜକତା,ମନମାଳିନତା ଓ ତିକ୍ତତା ବଢିଥାଏ । ଏପରିକି ଭାଇ-ଭାଇ ମଧ୍ୟରେ,ବନ୍ଧୁ-ବାନ୍ଧବଙ୍କ ମଧ୍ୟରେ,ସାଙ୍ଗ-ସାଥିମାନଙ୍କ ମଧ୍ୟରେ,ଶାସକ ଓ ଜନତା ମଧ୍ୟରେ, ଧର୍ମ-ଧର୍ମ ମଧ୍ୟରେ ଏବଂ ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ବର୍ଷ ବର୍ଷ ଧରି ରହିଥିବା ବନ୍ଧୁତା ଓ ଭାଇଚାରାର ସୁନ୍ଦର ପରିବେଶ ଦୂଷିତ ଓ ଅଶାନ୍ତ ହୋଇ ଉଠିଥାଏ । ଏହିଭଳି ପରିବେଶ ଏବେ ସମଗ୍ର ବିଶ୍ୱରେ ଦେଖିବାକୁ ମିଳୁଛି । ଏହାଦ୍ୱାରା ମାନବିକତାର କ୍ଷୟ-କ୍ଷତି ଓ ପ୍ରାଣ ହାନି ଘଟୁଛି । ଭାଇଚାରା ଓ ବନ୍ଧୁତାର ବଳି ପଡୁଛି । ଈଶ୍ୱର ମଣିଷକୁ ମାଂସ,ହାଡ଼ ଓ ରକ୍ତରେ ତିଆରି କରିଛି । ଅନେକ ପର୍ଯ୍ୟାୟ ଦେଇ ଗତି କରି ମଣିଷଟିଏ ହୋଇପାରିଛି । ପ୍ରଦୂଷିତ ପରିବେଶର ରଙ୍ଗରେ ପଡ଼ି ବିବେକ ହରା ହୋଇ ମଣିଷ, ମଣିଷ ସହ ଶତ୍ରୁତା କରୁଛି । ଘୋର ସଂଘର୍ଷ କରୁଛି । ସେହି ସମୟରେ ଯଦି ସେ ଟିକିଏ ଧୈର୍ଯ୍ୟ ଧରା ହୁଅନ୍ତା ଏବଂ ବିବେକକୁ କାର୍ଯ୍ୟରତ କରିପାରନ୍ତା । ମଣିଷ, ମଣିଷକୁ ଚିହ୍ନି ପାରନ୍ତା। ତା' ହେଲେ ସେ ବଡ଼ ବଡ଼ ଆଘାତ ଓ କ୍ଷୟ-କ୍ଷତିରୁ ବର୍ତ୍ତୀ ପାରନ୍ତା । ଆଘାତ,ପ୍ରତିଘାତ ଏବଂ ହତ୍ୟା କରିବାକୁ ସେ ଉଦ୍ୟମ କରନ୍ତା ନାହିଁ । ପ୍ରଭୁ ଫୁସତରେ ବହୁ ସମୟ ନେଇ ଏ ମଣିଷକୁ ତିଆରି କରିଛନ୍ତି। ରାଗ-ରୋଷ କ୍ଷଣକ ପାଇଁ ବିନା କ୍ଷୟ-କ୍ଷତିରେ ହୋଇବି ପାରନ୍ତା। କିନ୍ତୁ ସେହି ରାଗ-ରୋଷ ଦ୍ୱାରା କୌଣସି ମାନବର ହତ୍ୟା ହୋଇଥାଏ, ତେବେ ଏହା ବହୁତ ଦୁଃଖ ଓ ଦୁର୍ଭାଗ୍ୟର କଥା । ଏ ଯୁବ ସମାଜ ଏତେ ପାଠୁଆ ଏବଂ ଜ୍ଞାନ-ବିଜ୍ଞାନରେ ପରିପୂର୍ଣ୍ଣ ଥାଇ,ଏ ଧରାପୃଷ୍ଠରେ ଏତେ ଧର୍ମ ଆସି ମଧ୍ୟ ମଣିଷ ଶିଖିଲା କ'ଣ ? ଶିକ୍ଷା ଦେଲା କ'ଣ ? ପାଇଲା କ'ଣ ? ହଜାଇ ବସିଲା କ'ଣ ? କୁହାଯାଏ ଧର୍ମ ଏକାସିନା ମହତ ପଣିଆ ଆଉ ସବୁ କିଛି ଅଢେଇ ଦିନିଆ । ସକଳ ଧର୍ମରେ ଧୈର୍ଯ୍ୟ, ସହନଶୀଳତା,ଶାନ୍ତି ଏବଂ ଭାଇଚାରାର ଶିକ୍ଷା ମିଳିଥାଏ । ଆମେ ମଣିଷ ସବୁ ଭାଇଭାଇ । ବେସୁଧୈବକୁଟୁମ୍ବକମ୍ ଆମର ପରିଚୟ । ଏ ଧରା ଆମ ମାଁ । ଆମେ ମାନବ ଜାତି ଏକ କୁଟୁମ୍ବ । କେହି ବଡ଼-ଛୋଟ, ଉଚ୍ଚ-ନିଚ୍ଚ, ଗୋରା-କଳା ଏବଂ ଧନି-ଗରୀବ ନୁହେଁ । ସମସ୍ତେ ପ୍ରଭୁଙ୍କ ଦରବାରରେ ସମାନ। ଧର୍ମ ଆମକୁ ଶାନ୍ତି,ସହନଶୀଳତ ।, ସତ୍ମାର୍ଗ, ସଦ୍ଭାବନା, ସମନ୍ୱୟତା, ସରଳତା, ସତ୍ୟତା, ସଂଯମତା, ସାଧୁତା,ସଫଳତା ଏବଂ ସକାରତ୍ମକତାର ଶିକ୍ଷା ଦେଇଥାଏ । ଏକତା ଓ ଅଖଣ୍ଡତା ଆମର ଗୌରବ । ହିନ୍ଦୁ,ମୁସଲିମ,ଶିଖ,ଇସାଇ ହମ୍ ସବ୍ ହୈ ଭାଇ ଭାଇ/ଭାଇକୋ ହୈ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା । ମାଁ,ମାଟି ଓ ମାତୃକା ଠାରୁ ବଳି ଆଉ କିଏବା ବଡ଼ । ଏଇ ଆମ ଜନ୍ମ ଭୂମି ଏଇ ଆମ ଧ୍ୱଜା । ଏଇ ଗାଁ ମଶାଣୀରେ ଆମର ଶେଷ କ୍ରିୟାକର୍ମ ହୋଇଥାଏ । ଏଇ ଗାଁ ମାଟିରେ ଆମେ କବର ପାଇଥାଉ। ପରମବ୍ରହ୍ମ ପରମେଶ୍ୱର ଏକ । ଆମେ ତାଙ୍କ ସନ୍ତାନ । ଆସ ଆମେ ସଭିଏଁ ଏକ ମନ ଏକ ପ୍ରାଣ ହୋଇ ଏବେ ମାନବିକତାକୁ କ୍ଷୟ-କ୍ଷତି ହେବାରୁ ରକ୍ଷା କରିବା । ଆମ ମନ ଓ ମସ୍ତିକକୁ ସ୍ୱଚ୍ଛ ଓ ନିର୍ମଳ କରିବା । ଖରାପ ଦେଖିବା ନାହିଁ, ଖରାପ କହିବା ନାହିଁ, ଖରାପ ଶୁଣିବା ନାହିଁ ଏବଂ ଖରାପ ଚିନ୍ତା କରିବା ନାହିଁ । ଆସନ୍ତୁ ଆମେ ସମସ୍ତେ ମିଳିମିଶି ଭାଇଚାରାର ଏକ ଅଭେଦ୍ୟ ଦୁର୍ଗ ନିର୍ମାଣ କରିବା । ମନ ମାଳିନତା, ଶତ୍ରୁତା,ଅରାଜକତା, ଈର୍ଷାପରାୟଣତା ଏବଂ ଅହଂକାରୀତାର ଶତ୍ରୁକୁ ଧୂଳିଚଟାଇବା । ତାକୁ ପରାସ୍ତ କରିବା । ଭାରତ ବର୍ଷର ବିକାଶ, ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଦୃଢ ସଂକଳ୍ପ ନେବା । ହାତକୁ ହାତ ମିଳାଇ କାନ୍ଧକୁ କାନ୍ଧ ଲଗାଇ ଭାରତ ମାତାର ଟେକ ରଖିବା । ଆମେ ଭାରତକୁ ମହାନ କରିବା । ଜୟ ହିନ୍ଦ । ଜୟ ଭାରତ ।

*ମଙ୍ଗଳାବାଗ-କଟକ*
*ମୋ:୯୬୯୨୨୨୫୦୫୭*

# ଅଶାନ୍ତସ୍ୟ କୁତଃ ସୁଖଂ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଜିର ପାର୍ଥିବ ଓ ଜାଗତିକ ସଂସାରରେ ସମସ୍ତେ ଶାନ୍ତିପୂର୍ଣ୍ଣ ସହବସ୍ଥାନ ଚାହାଁନ୍ତି। କହିବାକୁଗଲେ ସର୍ବଦା ଶାନ୍ତି ପ୍ରାପ୍ତ ନିମିତ୍ତ ସମସ୍ତେ ଆଶା ରଖନ୍ତି। ମାତ୍ର ଏହି ଶାନ୍ତି କେଉଁଠାରୁ ପ୍ରାପ୍ତ ହେବ ସେ ସମ୍ବନ୍ଧରେ କେହି କେବେ ଚିନ୍ତାର ଅବକାଶ ରଖନ୍ତିନାହିଁ। କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଏହି ପ୍ରସଙ୍ଗରେ ଯୁଗାବତାର ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଶାନ୍ତ ଭାବ ମାନେ ସାମ୍ୟ ଅବସ୍ଥା। ପ୍ରବୃତ୍ତି ଅଭିଭୂତି ଓ ସ୍ୱାର୍ଥାନ୍ଧତାର ଆକୁଳ ବିକୁଳ ଯେତେ କମିଯାଏ, ମନୁଷ୍ୟ ସେତେ ଶାନ୍ତ ହୁଏ। ଶାନ୍ତ ଅବସ୍ଥାରେ ସତ୍ ବା ଅସ୍ତିତ୍ୱ ପ୍ରତି ପ୍ରେମ ଜାଗେ। ମନୁଷ୍ୟ ଗୁରୁମୁଖୀ ଓ ଈଶ୍ୱରମୁଖୀ ହୁଏ। ଅନ୍ତରେ ଭିତରେ ସେବା ମନୋଭାବ ଜାଗି ଉଠେ। ଗୁରୁ ହେଉଛନ୍ତି ଭଗବାନଙ୍କର ସାକାର ମୂର୍ତ୍ତି ଓ ଅଖଣ୍ଡ। ଗୁରୁଙ୍କୁ ସେବା କରୁ କରୁ ମନୁଷ୍ୟ ଭିତରେ ଦାସ୍ୟ ଭାବ, ସଖ୍ୟ ଭାବ, ବାତ୍ସଲ୍ୟଭାବ, ମଧୁରଭାବ ଓ ସନ୍ନ୍ୟାସଭାବ ଜାଗ୍ରତ ହୁଏ। ମଧୁର ଭାବର ତାତ୍ପର୍ଯ୍ୟ ହେଉଛି, ନିଜର ଜୀବନ ଓ ଚରିତ୍ରକୁ ସର୍ବତୋ ଭାବରେ ଗୁରୁଙ୍କର ଉପଭୋଗ୍ୟ କରି ଉଠାଇ ନିଜେ ସୁଖୀ ହେବା। ଆଉ ଏହା ହିଁ ହେଉଛି ଶାନ୍ତ ବା ସମାହିତ ଅବସ୍ଥା। ଶାନ୍ତିର ପ୍ରଥମ ସୋପାନ ଅହିଂସା । ଏଥିପାଇଁ ସବୁଠାରୁ ପ୍ରଥମେ ଶବ୍ଦରେ ଅହିଂସା ଆଚରଣ କରିବାକୁ ହେବ । ଲକ୍ଷ୍ୟ ରଖିବାକୁ ହେବ ଯେପରି ଆମ ଓଠରୁ ଏମିତି ଶବ୍ଦ ବାହାରି ନଯାଉ ଯାହା ଅନ୍ୟକୁ କଷ୍ଟ ଦେବ । ଯଦି ସମ୍ଭବ ଆମର କଥା ଏମିତି ହେବା ଦରକାର ଯାହା ଦୁଃଖୀ ହୃଦୟ ପାଇଁ ମଲମ ହେବ । ଯଦି ହୃଦୟରେ କେହି ଦୁଃଖର ବୋଝ ନେଇ ଆମ ପାଖକୁ ଆସିଛି, ସେ ଆମ ପାଖରୁ ଯିବାବେଳେ ତା' ହୃଦୟର ଦୁଃଖ ହାଲ୍କା ହୋଇଯାଇଥିବା ଆବଶ୍ୟକ । ତା'ର ହୃଦୟକୁ ଶାନ୍ତି ମିଳିବା ଉଚିତ । ଏଥିସହ ମନରୁ ଚିନ୍ତା ଓ ଡ଼ର ମଧ୍ୟ ଚାଲିଯିବା ଦରକାର । ଶାନ୍ତିର ଦ୍ୱିତୀୟ ସୋପାନ ପ୍ରେମ । ଆମ ଭିତରେ ଏମିତି ପ୍ରେମଭାବ ରହିବା ଆବଶ୍ୟକ ଯାହା ସବୁ ସୀମାର ବନ୍ଧନରୁ ମୁକ୍ତ ହୋଇଥିବ । ଆମ ପାଖକୁ ଯିଏ ବି ଆସୁ, ସେ ଯେଉଁ ଧର୍ମର, ଯେଉଁ ଲିଙ୍ଗର, ଯେଉଁ ଦେଶର ହୋଇଥାଉ ନା କାହିଁକି, ଆମେ ତାକୁ ପ୍ରେମର ବନ୍ଧନରେ ବାନ୍ଧିନେବା ଆବଶ୍ୟକ । ବାହ୍ୟ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଯିବା ଅପେକ୍ଷା ଆମେ ସମସ୍ତଙ୍କ ହୃଦୟର ସୌନ୍ଦର୍ଯ୍ୟକୁ ବୁଝିପାରିବା ଆବଶ୍ୟକ । ଆମ ଦୁଆରକୁ ଯିଏ ବି ଆସୁ, ସେ ପ୍ରେମର ଅନନ୍ୟ ଅନୁଭବ ନେଇ ଫେରୁ, ଯାହା କି ସେ ଅନ୍ୟ କେଉଁଠାରେ ମଧ୍ୟ ପାଇ ନଥିବ । ଏହାପରେ ଆମ ଠାରୁ ଅନ୍ୟଜଣେ ଯାହା ବି ପାଇବ ତାହା ଅଶାନ୍ତିର କାରଣ ହେବନି ।

ଶାନ୍ତି ମିଳିବାର ତୃତୀୟ ସୋପାନ ସତ୍ୟ । ଆମେ ସବୁବେଳେ ନିଜ ପ୍ରତି ସ୍ୱଚ୍ଛ ରହିବା, ଜୀବନର ପ୍ରତି ମୋଡ଼ରେ ସତ୍ କହିବା ଓ ସତ୍ ଜୀବନ ଜିଇବା । ଆମେ କାହାକୁ ଧୋକା ଦେବାନି କିମ୍ବା କାହାପ୍ରତି କପଟ ଆଚରଣ କରିବା ନାହିଁ । ଆଖପାଖର ସମସ୍ତେ ଅସ୍ୱଚ୍ଛ ହୋଇଗଲେ ବି ଆମେ ଆଦର୍ଶରୁ ବିଚ୍ୟୁତ ହେବାନାହିଁ । ଆମେ ଆମର ସମ୍ବନ୍ଧ ପ୍ରତି ନିଷ୍ଠାବାନ ଓ ସଚ୍ଚୋଟ ରହିବା । ଯାହାକୁ ଆମେ ଭଲପାଏ ତାକୁ ମିଛ କହିଲେ ସେ ଜାଣିପାରେ ଓ କଷ୍ଟପାଏ ସେଥିରେ । ଏହାଦ୍ୱାରା ଆମର ସମ୍ପର୍କ ଓ ଚରିତ୍ର ଉଭୟ ନଷ୍ଟ ହୁଏ । ତେଣୁ ଯେଉଁ ବିଚାର ହୃଦୟରେ ଅଛି ତାହା ବାକ୍ୟ ଓ କର୍ମରେ ପ୍ରକାଶିତ ହେବା ଉଚିତ୍ ।

ଆମେ ଅଳ୍ପ କିଛି ସମୟ ପାଇଁ ଅନ୍ୟକୁ ଧୋକା ଦେଇପାରିବା, ମାତ୍ର ଈଶ୍ୱରଙ୍କ ଦୃଷ୍ଟିକୁ ଧୋକା ଦେଇପାରିବା ନାହିଁ । ସବୁବେଳେ ସତ୍ୟର ହିଁ ବିଜୟ ହୁଏ । ଶାନ୍ତିର ମୂଳଦୁଆ ନମ୍ରତା । ନମ୍ରତାର ଅର୍ଥ ଆମ ମନରେ ଏହି ବିଚାର ଆସିବ – ଆମେ ସମସ୍ତେ ଗୋଟିଏ ସୃଷ୍ଟିର ଅଂଶ । କେବଳ ଈଶ୍ୱର ହିଁ ମହାନ । ଈଶ୍ୱରଙ୍କ ଆଗରେ ଆମେ ସାମାନ୍ୟ ବାଳକ । ତାଙ୍କ ବିନା ଆମର ଅସ୍ତିତ୍ୱ ନାହିଁ । ନମ୍ରତା ଦ୍ୱାରା ଅନ୍ୟର ବିଶେଷତ୍ୱର ସମ୍ମାନ କରିବା ଶିଖନ୍ତୁ ଏବଂ ନିଜ ପାଖରେ ଥିବା ଗୁଣ ନିମନ୍ତେ ଈଶ୍ୱରଙ୍କ ଠାରେ କୃତଜ୍ଞ ରୁହନ୍ତୁ । ନମ୍ରତାରେ ଆମେ ସେହି ଘୃଣା ଓ କଠୋରତାକୁ ଶେଷ କରିପାରିବା ଯାହାକି ଆଜି ବିଭିନ୍ନ ଧର୍ମ, ଜାତି, ଭାଷା ଓ ସମ୍ପ୍ରଦାୟ ମଧ୍ୟରେ ଖେଳିଯାଇଛି । ନମ୍ରତା ଆମ ସମସ୍ତଙ୍କୁ ଏକ କରିପାରିବ, ହିଂସା ଓ ଯୁଦ୍ଧକୁ ଶେଷ କରିପାରିବ । ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ୍ୟ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।

ଶାନ୍ତି ମାନେ ମନର ଗତିହୀନ ଅବସ୍ଥା ନୁହେଁ, ସୁକେନ୍ଦ୍ରିକ ଓ ସକ୍ରିୟ ଭାବେ ଚାଲିବା ଦ୍ୱାରା ମନର ଯେଉଁ ଅବସ୍ଥା ଆସେ ତାହା ହିଁ ଶାନ୍ତି। ସୁକେନ୍ଦ୍ରିକ କର୍ମ ମାଧ୍ୟମରେ ସାଫଲ୍ୟ ଆସିଲେ ହିଁ ଶାନ୍ତି ପ୍ରାପ୍ତି ହୁଏ। ଶାନ୍ତି ମାନେ ସାମ୍ୟହରା ଅବସ୍ଥା ନୁହେଁ, ନିନଡ ଅବସ୍ଥା ନୁହେଁ। ପରିବର୍ତ୍ତନ ମଧ୍ୟରେ ସମତା ହିଁ ଶାନ୍ତି। ଅତୁଟ ଭକ୍ତି ଓ ଅନୁରାଗ ଆମ୍ଭ ମାନଙ୍କୁ ଶାନ୍ତି ଆଣିଦେଇପାରେ। ସୁକେନ୍ଦ୍ରିକ ନ ହେଲେ ମନ ସ୍ୱତଃ ହିଁ ବିଚ୍ଛିନ୍ନ ହୁଏ ଓ ଭାଙ୍ଗିଯାଏ। ଶାନ୍ତିର ଏକମାତ୍ର ପଥ ହେଉଛି ପ୍ରବୃତ୍ତି-ଅଭିଭୂତିରୁ ମୁକ୍ତି ଓ ଇଷ୍ଟ ବା ଗୁରୁଙ୍କ ଠାରେ ଆତ୍ମ ସମର୍ପଣ। ପ୍ରବୃତ୍ତି ଅଭିଭୂତ ହେଲେ ସତ୍ତା ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଏ। ଶାନ୍ତିର ପଥ ହେଲା ଇଷ୍ଟ ବା ସଦ୍‌ଗୁରୁଙ୍କ ଠାରେ ଅଚ୍ୟୁତ ନିଷ୍ଠା ଓ ଇଷ୍ଟସ୍ୱାର୍ଥପ୍ରତିଷ୍ଠାପନ୍ନ ହେବା। ଇଷ୍ଟ ହେଉଛନ୍ତି ଖୁଣ୍ଟି। ସତ୍ତା ସମ୍ବର୍ଦ୍ଧନା ସମ୍ବନ୍ଧୀୟ ଜ୍ଞାନ ଯିଏ ଆଚରଣ କରି ଜାଣିଛନ୍ତି ସେ ହିଁ ଇଷ୍ଟ। ଇଷ୍ଟଙ୍କ ଉପରେ ଅଚ୍ୟୁତ ଟାଣ ହିଁ ଶାନ୍ତିର ବଡ଼ଦାଣ୍ଡ। ଆମ୍ଭମାନଙ୍କ ଭିତରେ ସୁରତ ଅଛି, ସଂସକ୍ତିର ଆକୃତି ଅଛି, ଆସକ୍ତି ଅଛି ଓ ଏ ସବୁ ଇଷ୍ଟ ବା ଗୁରୁଙ୍କ ଠାରେ ଅଚ୍ୟୁତ ହେଲେ, ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାର ଉପଚୟୀ ହେଲେ ଗୁରୁଙ୍କର ନୀତି ଗୁଡ଼ିକ ପ୍ରକାଶ ହୋଇଉଠେ ଚରିତ୍ରରେ। ସେତେବେଳେ ପ୍ରବୃତ୍ତି ଗୁଡ଼ିକ ସ୍ୱାଭାବିକ ଭାବରେ ନିୟନ୍ତ୍ରିତ ହୁଏ ଓ ଜ୍ଞାନ, ପ୍ରଜ୍ଞା ଓ ଚରିତ୍ରର ସମାହାରରେ ବ୍ୟକ୍ତିର ଆତ୍ମାଭିମୁଖୀ ପ୍ରକାଶ ଘଟେ। ସଙ୍ଗାତ୍ ସଞ୍ଜାୟତେ ଶ୍ରଦ୍ଧା, ଶ୍ରଦ୍ଧୟା ଦୃଷ୍ଟି ଶୁଦ୍ଧତା, ଦୃଷ୍ଟି ଶୁଦ୍ଧେର୍ହି ବିଶ୍ୱାସଃ, ବିଶ୍ୱାସାତ୍ ନିର୍ବିଚାରତା, ନିର୍ବିଚାରାତ୍ ଭବେତ୍ ପ୍ରେମ, ପ୍ରେମାଷ୍ଟାତ୍ମ ସମର୍ପଣଂ। ଶାନ୍ତିର ପଥ ହେଉଛି ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ପୁସ୍ତକର ଦେବବାଣୀ – ସଦ୍‌ଗୁରୁଙ୍କ ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଶାନ୍ତି ଓ ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।' ଶ୍ରୀ ଶ୍ରୀ ଠାକୁର ବଜ୍ର ନିର୍ଘୋଷିତ କଣ୍ଠରେ ଆହ୍ୱାନ ଦେଲେ – ସଦ୍‌ଗୁରୁଙ୍କୁ ଧରିବାକୁ ପଡ଼ିବ, ନାମ କରିବାକୁ ପଡ଼ିବ, ସତ୍‌କର୍ମ କରିବାକୁ ପଡ଼ିବ। ଯେଉଳି ଶରୀର ପାଇଁ ଖାଦ୍ୟ ଆବଶ୍ୟକ ସେହିଭଳି ମନ-ପ୍ରାଣ ଓ ସୁରତକୁ ତା'ର ଉପଯୁକ୍ତ ଖାଦ୍ୟ ପ୍ରତିଦିନ ଦେବା ଆବଶ୍ୟକ। ଯଜନ, ଯାଜନ, ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଓ ସଦାଚାର ହେଲା ମନ-ପ୍ରାଣ ଓ ସୁରତର ପ୍ରଧାନ ଖାଦ୍ୟ। ଗୁରୁ ହିଁ ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା। ଗୁରୁମୟ ହେଲେ ହିଁ ଜୀବନ ଗୌରବମୟ ହୁଏ। ସମସ୍ତ ପ୍ରେରିତ ପୁରୁଷମାନେ ହିଁ ବୈଶିଷ୍ଟ୍ୟପାଳୀ ଆପୂରୟମାଣ। ଉତ୍ସମୁଖୀନତା ହିଁ ସେମାନଙ୍କର ଚରିତ୍ରଗତ ଲକ୍ଷଣ। ସେମାନେ ଅନନ୍ତ ଜ୍ଞାନ ଓ ଗୁଣର ଭଣ୍ଡାର ହେବା ସତ୍ତ୍ୱେ ମଧ୍ୟ କୌଣସି ହୀନମନ୍ୟ ଅହଙ୍କାରର ଅଧୀନ ହୁଅନ୍ତି ନାହିଁ। ତାଙ୍କ ସଂସ୍ପର୍ଶରେ ମନୁଷ୍ୟର ଆତ୍ମିକ ଚେତନା ସ୍ୱତଃ ହିଁ ଉଦ୍‌ବୋଧିତ ହୋଇଉଠେ। ସେମାନେ ନିଜେ ସମାହିତ ପ୍ରବୃତ୍ତିର ପୁରୁଷ ବୋଲି ଯେକୌଣସି ସମସ୍ୟାର ସମାଧାନର ପଥ ଦେଖାଇଥାନ୍ତି। ଇଷ୍ଟ ଗୁରୁ ଓ ପୁରୁଷୋତ୍ତମଙ୍କୁ ପ୍ରତ୍ୟାଶା ରହିତ ଭଲ ପାଇବା ମାଧ୍ୟମରେ ଶାନ୍ତି ଆସେ। ସେଥିପାଇଁ ଦ୍ୱାପର ଯୁଗରେ ପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି – ନାସ୍ତିବୁଦ୍ଧିରଯୁକ୍ତସ୍ୟ ନଚାଯୁକ୍ତସ୍ୟ ଭାବନା, ନ ଚାଭାବୟତଃ ଶାନ୍ତି ରଶାନ୍ତସ୍ୟ କୁତଃ ସୁଖଂ।

*ପ୍ରଫେସର, ହେପାଟୋଲୋଜି ବିଭାଗ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା







ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନ୍‌ଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୂରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ, ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଲାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ, ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡ଼ିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୂର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ୍, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ ! ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଇରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି ! ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝମ୍ପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଟି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତ୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତ୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତ୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ ।

## ଚୂଡ଼ାପାହାଡ଼ ପାଦଦେଶ ଗଦଲା ଝରଣ ଧବଳେଶ୍ୱର ମନ୍ଦିର ରେ ମହା ଶିବ ରାତ୍ରି ଜାଗର ପାଳିତ

ଭୁବନେଶ୍ୱର,(ପି.ଏନ):ଧର୍ମଗଡ଼ ଉପଖଣ୍ଡ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫରଙ୍ଗ ନିକଟବର୍ତ୍ତୀ ଚୂଡ଼ା ପାହାଡ଼ ପାଦଦେଶରେ ଗଦଲା ଝରଣ ଶ୍ରୀ ଶ୍ରୀ ଧବଳେଶ୍ୱର ମନ୍ଦିର ଠାରେ ମହାଶିବରାତ୍ରି ଜାଗର ପାଳିତ ହୋଇ ଯାଇଛି । ଜୁନାଗଡ଼ ଓ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଶୈବ ପୀଠ ଠାରେ ମହାଶିବରାତ୍ରି ଓ ମାଆ ଚ଼ଣ୍ଡୀ ପୂଜା ଅନୁଷ୍ଠିତ ହୋଇ ଯାଇଥିବା ବେଳେ ଭକ୍ତ ଙ୍କ ଭିଡ଼ ଜମି ରହିଛି । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ମହାଶିବରାତ୍ରି ଭଗବାନ ଙ୍କ ପୂଜା ସାରା ଭାରତ ବର୍ଷରେ ପାଳିତ ହୋଇଛି । ସଂହାର କର୍ତ୍ତା ରୂପେ ମହାଦେବ ହିନ୍ଦୁ ଧର୍ମ ରେ ପୂଜାପାଉଥିବା ବେଳେ ଏହି ବିଶ୍ୱ ତାଙ୍କୁ ପୂଜା କରୁଛି । ଜମ୍ମୁ କାଶ୍ମୀର ରୁ ଆରମ୍ଭ କରି କନ୍ୟା କୁମାରୀ ଯାଇ ଏହି ଭାରତ ବର୍ଷ ରେ ପୂଜା ଅର୍ଚ୍ଚନା କରୁଥିବାବେଳେ ପାକିସ୍ଥାନ, ଜାପାନ, ଚ଼ୀନ ତଥା ଆମେରିକା ରେ ମଧଏହି ମହାଶିବରାତ୍ରି ଭଗବାନ ଶିବ ଙ୍କ ପୂଜା ଅର୍ଚ୍ଚନା କରାଯାଉଛି । ଆଜି ସାରା ଓଡ଼ିଶା ରେ ମହାଶିବରାତ୍ରି ପାଳନ କରୁଥିବା ବେଳେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫରଙ୍ଗ, ଚ଼ିଚ଼ିଆ, ପଣ୍ଡକୁଲ, ଗୋଲାମୁଣ୍ଡା,



ମହାଲିଙ୍ଗ ସମେତ ଅନେକ ଶୈବ ପୀଠ ରେ ମାଆ ଚ଼ଣ୍ଡୀ ଓ ମହାଦେବ ଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କରାଯାଉଛି । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ ସ୍ଥାନରେ ହରେ କୃଷ୍ଣ ହରେ କୃଷ୍ଣ ହରେ ରାମ ହରେ ରାମ ମହାମନ୍ତ୍ର ଜପ କରାଯାଇ ଶୈବ ପୀଠ ଗୁଡ଼ିକ ସୁନ୍ଦର ମଣ୍ଡିତ କରି ଥିବା ବେଳେ ଭକ୍ତ ଭିଡ଼ ଜମିବା ଅତ୍ୟନ୍ତ ଆନନ୍ଦ ଓ ଶାନ୍ତି ରେ ଜୀବନରେ ସୁଖ ଆଣି ଦେଇଛି । କିମ୍ବଦନ୍ତୀ ଅନୁଯାୟୀ ଏହି ଦିନରେ ଭକ୍ତ ମାନେ ଉଜାଗର ରହିବା ଫଳରେ ମଣିଷ ଜୀବନରେ କରିଥିବା ପାପ ହରଣ ହୋଇଥିବା କଥା ପ୍ରକାଶ ପାଇଥିବା ବେଳେ ମାଆ ଚ଼ଣ୍ଡୀ ଙ୍କ ଉପାସନା କରି ଶକ୍ତି ପ୍ରାପ୍ତ ହୋଇ ଥିବା ଜଣାଯାଏ । ତେଣୁ ଭକ୍ତ ମାନେ ଉପବାସ ରହି ପରିବାର ମଙ୍ଗଳ କାମନା ଅନୁଯାୟୀ ଜାଗର ରାତି ଉଜାଗର ରହି ଉପାସନା କରିଥାନ୍ତି । ଏହିଦିନ ଭଗବାନ ଶିବ ଅସୁର ଓ ଦେବତାଙ୍କ ସମୁଦ୍ର ମନ୍ଥନ କରିଥିବା ବିଷ ପାନ କରି ସୃଷ୍ଟି ସୁରକ୍ଷା ଦେଇଥିବା ବେଳେ ଏହି ଦିନ ଚ଼ିତ୍ରଭାନୁ ନାମକ ଜଣେ ଶିକାରୀ ଥିଲେ । ଏହି ଶିକାର କରୁ କରୁ ଶିବ ଲିଂଗରେ ପ୍ରତିଦିନ ଗୋଡ଼ରେ ଶିବ ଲିଂଗରେ ଥିବା ଡାଳ ପତ୍ରକୁ ପୋଛି ପାଟିରେ ପାଣି ଆଣି ଲିଙ୍ଗରେ ଦେଉଥିଲେ । ଦିନେ ଶିବ ଲିଂଗରେ ଦେଉ ଥିବା ଆଖିରେ ରକ୍ତ ବାହାରିଲା ସେ ନିଜେ ନିଜ ଆଖି ଦୁଇଟି କୁ ନିଜ ତୀରରେ କାଢି ଦେଇଥିବା ବେଳେ ଶିବ ଲିଂଗରେ ରକ୍ତ ବନ୍ଦ ହୋଇ ଥିଲା । କିନ୍ତୁ ସେ ଅନ୍ଧ ହୋଇ ଯାଇଥିଲେ ଏହା ଦେଖି ଶିବ ଭଗବାନ ବହୁତ ପ୍ରସନ୍ନ ହୋଇ ତାଙ୍କୁ ଦୁଇଟି ଆଖି ଫେରାଇ ଦେଇ ଥିଲେ । ସେଇ ଦିନରୁ ଏହି ଦିନକୁ ମହାଶିବରାତ୍ରି ପର୍ବ ରୂପେ ପାଳନ କରାଯାଏ । ସେଇ ଦିନରୁ ଏହି ଦିନକୁ ସାରା ଭାରତ ବର୍ଷରେ ମହାଶିବରାତ୍ରି ପାଳିତ ହେଉଛି ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି । ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ ! ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତର କରିବାରେ ସଫଳ ହୋଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା । ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି । ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !




# ଭାରତ ସ୍କାଉଟସ୍ ଓ ଗାଇଡ୍ସ୍ ସଂଗଠନ ଦ୍ୱାରା ବେସିକ୍ ତାଲିମ ଶିବିର



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ତାଲିମ ଶିବିରସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନ (ଉଚ୍ଚବିଦ୍ୟାଳୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ) ମାନଙ୍କ ପାଇଁ ଏକାଦିକ୍ରମେ ଦୁଇଗୋଟି ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ଗତ ମାସ ତା୨୪.୯.୨୦୨୨ରିଖ ଠାରୁ ଆରମ୍ଭ ହୋଇଅଛି । ଉକ୍ତ ଶିବିରରେ ଅନୁଗୁଳ, ବୌଦ୍ଧ, ଭୁବନେଶ୍ୱର, କଟକ, ଦେଓଗଡ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଝାରସୁଗୁଡା, ଖୋର୍ଦ୍ଧା, ମୟୁରଭଞ୍ଜ, ନୂଆପଡା ଏବଂ ରାଉରକେଲା ଆଦି ଜିଲ୍ଲାରୁ ୧୦୨ ଜଣ ସ୍କାଉଟ ମାଷ୍ଟର ଏବଂ ୪୧ ଜଣ ଗାଇଡ୍ କ୍ୟାପଟେନ ତାଲିମ ନେବାପାଇଁ ଯୋଗଦାନ କରିଛନ୍ତି। ତା୨୫।୯।୨୨ରିଖ ଦିନ ରାଜ୍ୟ ମୁଖ୍ୟ କମିଶନର ଶ୍ରୀ କାଳିପ୍ରସାଦ ମିଶ୍ର ଉକ୍ତ ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଲିମ ନେବାକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଦ୍ୟାଳୟରେ ସ୍କାଉଟ ଓ ଗାଇଡ୍ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ଭଲ ସୁନାଗରିକ ଭାବେ ଗଢ଼ିତୋଳିବା ସହିତ ସେମାନଙ୍କୁ ରାଜ୍ୟ ପୁରସ୍କାର ପାଇବା ଲାଗି ଠିକ୍ ଭାବେ ତିଆରି କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଛାତ୍ରଛାତ୍ରୀମାନଙ୍କୁ ଭାଇ ଭଉଣୀର ସ୍ନେହ ଦେଇ ସ୍କାଉଟ ଓ ଗାଇଡ୍‌ର ମୂଳ ତତ୍ତ୍ୱଭାବେ ଶିକ୍ଷାଦାନ କରି ସେମାନଙ୍କ ଚରିତ୍ର ସୁଧାରିବା ସକାଶେ ଉଦ୍ୟମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ତା୨୮।୯।୨୦୨୨ରିଖ ଦିନ ଜାତୀୟ କାର୍ଯ୍ୟାଳୟରୁ ଆସିଥିବା ମେମ୍ବରସିପ୍ ଗ୍ରୋଥ ପ୍ରକଳ୍ପ ପରିଚାଳକ ଶ୍ରୀଯୁକ୍ତ ଶରତ ରାଜ ଯୋଗଦେଇ ବିଶ୍ୱ ସ୍କାଉଟ



ସଂଗଠନ ଦ୍ୱାରା ପରିଚାଳିତ Online Youth Management System କାର୍ଯ୍ୟକ୍ରମକୁ ସମସ୍ତ ଜିଲ୍ଲାମାନଙ୍କରେ ପହଞ୍ଚାଇବା ପାଇଁ ଜିଲ୍ଲାର ଦକ୍ଷ ସ୍କାଉଟମାଷ୍ଟର ଓ ଗାଇଡ୍‌କ୍ୟାପଟେନମାନଙ୍କୁ ସଂପୂର୍ଣ୍ଣ ଅବଗତି କରିବା ନିମନ୍ତେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନମାନଙ୍କ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଅଛି। ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନମାନେ ଏହି କର୍ମଶାଳାରେ ଯୋଗଦାନ କରି ସ୍କାଉଟ, ଗାଇଡ୍, ରୋଭର, ରେଞ୍ଜର, କବ୍ ଓ ବୁଲ୍‌ବୁଲ୍‌ମାନଙ୍କର ଅନ୍‌ଲାଇନ୍ କିପରି ସହଜରେ ରେଜିଷ୍ଟ୍ରେସନ କରିପାରିବେ ସେହି ବିଷୟରେ ତାଲିମ ଦିଆଯାଇଛି। ଉକ୍ତ ଶିକ୍ଷା ଶିବିର ସମାପ୍ତ ପରେ ନିଜ ନିଜ ଜିଲ୍ଲାରେ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟ ସଫଳତାର ସହ ବିଶ୍ୱ ସଂଗଠନର ଉକ୍ତ ପ୍ରଶଂସନୀୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବେ ବୋଲି ଶ୍ରୀ ରାଜ କହିଥିଲେ। ସ୍କାଉଟ କମିଶନର ତଥା ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ଅତିରିକ୍ତ ସଚିବ ଶ୍ରୀଯୁକ୍ତ ଅଶୋକ କୁମାର ରଥ ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ସମସ୍ତ ଶିବିରାର୍ଥୀମାନଙ୍କୁ ସମାଜ ଲାଗି କିଛି ଭଲ କରିବାର ମୌକା ଛାଡିବା ଉଚିତ୍ ନୁହେଁ ବୋଲି କହିଥିଲେ । ସମସ୍ତ ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନମାନଙ୍କୁ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ସଂଗଠନକୁ ଆହୁରି ମଜବୁତ୍ କରୁଥିବାରୁ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି।

## "ଶିଶୁ ପାଇଁ ଦିନଟିଏ"

ବାଲେଶ୍ୱର (ପିଏନ୍)- ସମନ୍ୱୟ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ରେମୁଣା, ପିକକ୍, ୱାଲ୍ଡ ଭିଜନ ଓ ଏନ.ଏ.ସି.ଜି ଇଭାକର ମିଳିତ ଆୟୋଜନରେ "ଶିଶୁ ପାଇଁ ଦିନ ଟିଏ" ଅବସରରେ ରେମୁଣା ବ୍ଲକ ସଭାଗୃହରେ ଶିଶୁ ସୁରକ୍ଷା ସେବା ପ୍ରଦାନକାରୀମାନଙ୍କର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରେମୁଣା ଶିଶୁ ବିକାଶ ଯୋଜନା ଅଧିକାରିଣୀ ସାଗରିକା ଦତ୍ତ ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରେମୁଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ଯୋଗ ଦେଇ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତି ଓ ଗ୍ରାମ୍ୟ ସ୍ତରୀୟ ଶିଶୁ ସୁରକ୍ଷା ସମିତିଗୁଡ଼ିକ ଅଧିକ ସକ୍ରିୟ କରିବା ସହିତ ଶିଶୁମାନଙ୍କର ଅଧିକାର ଓ ସୁରକ୍ଷା ନେଇ ଉପୁଜୁଥିବା ସମସ୍ୟାଗୁଡ଼ିକର ଚିହ୍ନଟ କରି ସେଗୁଡ଼ିକୁ ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗ ଦେଇ ଶିଶୁମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ସଫଳ ରୂପାୟନ ପାଇଁ ସମସ୍ତ ଶିଶୁ ସୁରକ୍ଷା ସେବା ପ୍ରଦାନକାରୀ ବିଭାଗରେ ମିଳିତ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ କିଶୋର କିଶୋରୀମାନଙ୍କ ମଧ୍ୟରେ ଶିଶୁ ସୁରକ୍ଷା ସମ୍ପର୍କରେ ତର୍କ ପ୍ରତିଯୋଗିତା ହୋଇଥିଲା। କୃତି ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସୁପରଭାଇଜର ମଧୁସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମୁକ୍ତେଶ୍ୱର ମନ୍ଦିରରେ ମହାଶିବରାତ୍ରି ଜାଗର ଓ ୧୮ ତମ ରୁଦ୍ରଯଜ୍ଞ ଅନୁଷ୍ଠିତ



ପାରାଦୀପ,(ପି.ଏନ): ପାରାଦୀପ ର ନୂଆବଜାର ସ୍ଥିତ ପୁରାତନ ଶୈବ ପୀଠ ଶ୍ରୀ ଶ୍ରୀ ମୁକ୍ତ?ଶ୍ୱର ମନ୍ଦିରରେ ମହାଶିବରାତ୍ରି ଜାଗର ଓ ୧୮ ତମ ରୁଦ୍ରଯଜ୍ଞ ବୁଧବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି କ୍ଷ ମନ୍ଦିର ମୁଖ୍ୟ ପୂଜକ ମାର୍କଣ୍ଡ ଆଚାର୍ଯ୍ୟ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ମନ୍ଦିର ପରିଚାଳନା କମିଟି ସହଯୋଗରେ ଚଳିତ ଜାଗର ଯାତ୍ରା ରେ ଭକ୍ତଙ୍କ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । ଏହି ଅବସରରେ ଫେବୃଆରୀ ୨୫ ତାରିଖ ମଙ୍ଗଳବାର ଦିନ ଅଙ୍କୁରାରୋପଣ, କଳାସାଧିବାସ, ବୁଧବାର ଦିନ ଘଟ ସ୍ଥାପନ, ସୂର୍ଯ୍ୟପୂଜା ସ୍ୱୟଂ ଦେବଦେବୀ ଙ୍କର ମଣ୍ଡଳ ପୂଜା ଓ ଆହୁତି, ଗୁରୁବାର ଦିନ ମହାଯଜ୍ଞ, ରୁଦ୍ରଚଣ୍ଡୀ ଓ ସମ୍ପୁଟକ ଚଣ୍ଡୀ ପାଠ, ଶୁକ୍ରବାର ଦିନ ଗୀତା ସମ୍ପୁଟକ, ଯଜ୍ଞାହୁତୀ, ପୂର୍ଣ୍ଣାହୁତି ଇତ୍ୟାଦି କାର୍ଯ୍ୟକ୍ରମ ଯଥା ରୀତି, ନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା କ୍ଷ ବୁଧବାର ଶିବରାତ୍ରି ଦିବସ ଅବସରରେ ପ୍ରତିକ୍ଷୀତ ମହାଦୀପ ଉଠିବା କାର୍ଯ୍ୟକ୍ରମ ରାତି ୧୧ ଟା ୧୫ ମିନିଟ ସମୟରେ କରାଯାଇଥିବା ବେଳେ ସମବେତ ଭକ୍ତଙ୍କ ଓଁ ନମଃ ଶିବାୟ, ଜୟ ଜୟ ଶିବ ଶଙ୍କର ଓ ବମ ବମ ଭୋଲେ ଧ୍ୱନି ରେ ସମଗ୍ର ମନ୍ଦିର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା କ୍ଷ ଏତଦବ୍ୟତୀତ ସନ୍ଧ୍ୟାରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା ।

# ଖାଉଟି ଅଦାଲତରେ ବିଶାଳ ମେଗାମାର୍ଟ ଦଣ୍ଡିତ

କଳାହାଣ୍ଡି/ଭବାନୀପାଟଣା(ପି.ଏନ), : ଭବାନୀପାଟଣା ସହର ବାହାଦୂର ବଗିଚାପଡା ସ୍ଥିତ ବିଶାଳ ମେଗାମାର୍ଟ ଖାଉଟି ଅଦାଳତ ଦ୍ୱାରା ଦଣ୍ଡିତ ହୋଇଛି । ଜିଲ୍ଲା ଖାଉଟି ବିବାଦ ପ୍ରତିକାର ଆୟୋଗ ଏକ ଖାଉଟି ମାମଲାର ଶୁଣାଣୀ କରି ବିଶାଳ ମେଗାମାର୍ଟକୁ ୧ଲକ୍ଷ ୩୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଅର୍ଥଦଣ୍ଡ ରାଶିରୁ ୩୫ ହଜାର ଅଭିଯୋଗ କାରୀ ଓ ଅବଶିଷ୍ଟ ୧ଲକ୍ଷ ଟଙ୍କାକୁ ଓଡିଶା ରାଜ୍ୟ ଖାଉଟି ସୁରକ୍ଷା ପାଣ୍ଠିକୁ ପ୍ରଦାନ କରିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ଯାହାକୁ ନେଇଁ ଜିଲାରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରାପ୍ତ ସୁଚନାରୁ ପ୍ରକାଶ ଯେ,ଗତ ୮/୫/୨୦୨୪ ରେ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ବାରଖମା ଗ୍ରାମର ବିରୁପାକ୍ଷ ପାତ୍ର (ଯିଏକି ପେଶାରେ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ )ନିଜ ଭାଇ ଲକ୍ଷ୍ମୀକାନ୍ତ ପାତ୍ରଙ୍କ ସହ ଭବାନୀପାଟଣା ବାହାଦୂରବଗିଚାପଡା ସ୍ଥିତ ବିଶାଳ ମେଗା ମାର୍ଟକୁ କିଣାକିଣି କରିବାକୁ ଯାଇଥିଲେ । ସେଠାରେ ସେ ଏକ ଲେଡିଜ୍ ? କୁର୍ତ୍ତା ପସନ୍ଦ କରିଥିଲେ।ଯାହାର ବିକ୍ରିମୂଲ୍ୟ ଉପରେ ୧୫% ରିହାତି ଅଫର ଉଲ୍ଲେଖ ରହିଥିଲା । ତେବେ ଏହାର ବିଲିଂ କରିବା ସମୟରେ ଉପରୋକ୍ତ ଲେଡିସ୍ କୁର୍ତ୍ତାର ୧୫% ରିହାତି ହିସାବ ନ ଥିବାରୁ ଅଭିଯୋଗକାରୀ ପାତ୍ର କାଉଣ୍ଟର ଇନ୍ ?ଚାର୍ଯଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ସେ ରିହାତି ଦେବାର ଅଗ୍ରାହ୍ୟ କରିବା ସହ ମ୍ୟାନେଜରଙ୍କ ସହ କଥା ହେବାକୁ ପରାମର୍ଶ ଦେଇଥିଲେ। ଫଳରେ ଅଭିଯୋଗକାରୀ ପାତ୍ର ମ୍ୟାନେଜରଙ୍କୁ ସାକ୍ଷାତ କରିଥିଲେ। ହେଲେ ମ୍ୟାନେଜର ରିହାତି ଅଫର ଦେବାକୁ ମନା କରିଦେଇଥିବାବେଳେ କୁର୍ତ୍ତାରେ ଲାଗିଥିବା ଡିସପ୍ଲେ ବୋର୍ଡଟି ଭୁଲରେ ଲାଗିଥିବା କହିଥିଲେ।ସେହିପରି ଟଙ୍କା ମଧ୍ୟ ଫେରସ୍ତ କରିବାକୁ ମନା କରିଦେଇଥିଲେ।ଯାହାଫଳରେ ଅଭିଯୋଗ କାରୀ ପାତ୍ର ନିରାଶ ହୋଇ ଖାଉଟି ଅଦାଳତର ଦ୍ୱାରସ୍ଥ ହୋଇଥିଲେ।

# କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଲାଙ୍ଗିର,(ପି.ଏନ) : ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ସୋଲବନ୍ଦ ଗ୍ରାମରେ ଅବସ୍ଥାପିତ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ! ମୁଖ୍ୟ ଅତିଥି ଭାବରେ ପାଟଣାଗଡ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ ଏବଂ ମୁଖ୍ୟବକ୍ତା ଭାବରେ ଲୋକକବି,ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଥିଲେ ! ସମ୍ମାନିତ ଅତିଥି ଭାବରେ ତହସିଲଦାର ରୁଦ୍ରମୋହନ ନାୟକ,ବିଇଓ ଶଙ୍କର ପ୍ରସାଦ ମାଝି, ସୋଲବନ୍ଦ ସରପଞ୍ଚ ରିତା ପାଣ୍ଡେ , ସିଆରସିସି ମରୁଆଁ ଶଶି ଚନ୍ଦ୍ର ମେହେର ମଞ୍ଚାସିନ ଥିଲେ ! ଆଜିର ଶିଶୁ କାଲିର ଭବିଷ୍ୟତ, ଅନ୍ଧବିଶ୍ୱାସକୁ ଶିକ୍ଷା ହି ଦୂରୀଭୂତ କରିପାରେ,ଶିକ୍ଷା ହି ମାନବ ସମାଜ ପାଇଁ ଏକ ଯୁଗାନ୍ତକାରି ଲକ୍ଷ ! ଶିକ୍ଷା ମାଧ୍ୟମରେ ଏକ ଆଦର୍ଶ ସମାଜ ଗଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିବୃନ୍ଦ କହିଥିଲେ ! ଅତିଥିମାନେ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ କହିଥିଲେ ଏକ ଆଦର୍ଶ ମୂଲ୍ୟବୋଧ ସମାଜ ଗଢିବା ପାଇଁ ଶିକ୍ଷା ହି ଜରୁରୀ ! କୃତି ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ! ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ,ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ସହଯୋଗ କରିଥିଲେ ଏବଂ ପରିଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରୁସିଂ ନାଏକ ଧନ୍ୟବାଦ ଅର୍ପଣ ଜଣାଇଥିଲେ।

# ଶକ୍ତିମୟୀ 'ଦୁର୍ଗା'-ଏକ ଅତିତ ଆକଳନ



ଉମାଶଙ୍କର ପ୍ରସାଦ

ଶକ୍ତିପୂଜା ବହୁ ପ୍ରାଚୀନ କାଳରୁ ଆମ ଉତ୍କଳରେ ପ୍ରଚଳିତ। ବିଭିନ୍ନ ଧର୍ମ ଶାସ୍ତ୍ରର ପୃଷ୍ଠାକୁ ରୋମନ୍ଥନ କଲେ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ ସମସ୍ତ ଶକ୍ତିର ମୂଳମନ୍ତ୍ର ଦେବୀ ଦୁର୍ଗା । ସେ ବିଭିନ୍ନ ନାମରେ ତଥା ରୂପରେ ଯଥା: ମହିଷମର୍ଦ୍ଦିନୀ, ବନଦୁର୍ଗା, ମହାଦୁର୍ଗା, ଆଦ୍ୟାଶକ୍ତି, ମହାଶକ୍ତି, ଦ୍ୱିଭୁଜା, ଷଡ଼ଭୁଜା, ଅଷ୍ଟଭୁଜା, ଦଶଭୁଜା ଇତ୍ୟାଦି ରୂପରେ ବନ୍ଦିତା ଶକ୍ତିମୟୀ ଦୁର୍ଗାଙ୍କର ଉତ୍ପତ୍ତି ସମ୍ପର୍କରେ ବିଭିନ୍ନ ମତ ପ୍ରକାଶ ପାଉଥିଲେ ସୁଦ୍ଧା ବାସ୍ତବିକ ଦେବୀ ହେଉଛନ୍ତି ତ୍ରିଗୁଣାତ୍ମିକା। ସେ ସୃଷ୍ଟି, ସ୍ଥିତି ଓ ପ୍ରଳୟକାରିଣୀ। ତାଙ୍କୁ ସ୍ମରଣ କଲାମାତ୍ରେ ସେ ସମସ୍ତ ଜୀବଜଗତର କ୍ଲେଶ ଦୂର କରନ୍ତି । ସେ ସମସ୍ତଙ୍କର ଆଶ୍ରୟଦାତ୍ରୀ ଓ ମୁକ୍ତି ପ୍ରଦାୟିନୀ। ବିଶ୍ୱରୁ ମହିଷାସୁର ପ୍ରକୃତିର ବିଲୋପ ସାଧନ ପାଇଁ ସେ ଜଗଦ୍ଧାତ୍ରୀ, ଦୁର୍ଗତିନାଶିନୀ ଓ ବିଶ୍ୱମୋହିନୀ ରୂପରେ ଧରାବତୀର୍ଣ୍ଣା ହୋଇ ତମସାଚ୍ଛନ୍ନ ଗତିରେ ନୂତନ ଓ ଦିବ୍ୟ ଆଲୋକର ସନ୍ଧାନ ଦିଅନ୍ତି । ସେ ମହାମାୟା, ଜଗଦମ୍ବା ଓ ବ୍ରହ୍ମସ୍ୱରୂପିଣୀ। ସେ ପରମାତ୍ମା ଓ ଦ୍ୟୁଲୋକର ଜନନୀ। ସେ ଶକ୍ତିମୟୀ ସନ୍ତାନବତ୍ସଳା। ମା' ସନ୍ତାନର ଦୁଃଖ ପ୍ରଶମନ ପାଇଁ, ସେ ଦ୍ୱିଭୁଜା, ଚତୁର୍ଭୁଜା, ଅଷ୍ଟଭୁଜା, ଦଶଭୁଜାକୁ ଧାରଣ କରନ୍ତି। ନାନାବିଧ ରୂପ ଓ ସହସ୍ର ନାମ ନେଇ, ନିତ୍ୟ ପୂଜାପ୍ରାପ୍ତ ହେଉଥିବା ସେହି ଜାଗ୍ରତମୟୀ ମାତୃଶକ୍ତି ଏକ ଓ ଅଭିନ୍ନ। ସେହି ଦୀପ୍ତିମୟୀ, ପରମେଶ୍ୱରୀ ଦେବୀ ଦୁର୍ଗା, ସ୍ଥୁଳ ଓ ସୂକ୍ଷ୍ମ ସମସ୍ତ ଶକ୍ତିର ସମନ୍ୱୟ, ଏଣୁ ତାଙ୍କୁ ଶକ୍ତିର ମୂଳାଧାର ଓ ଆଦ୍ୟାଶକ୍ତି ବୋଲି ବର୍ଣ୍ଣନା କରାଯାଇଛି । ତେଣୁ ପୁରାତନ କାଳରୁ ଶକ୍ତିର ବୈଶିଷ୍ଟ୍ୟତା ଯୁଗେ ଯୁଗେ ମହାନଭାବେ ପ୍ରତିପାଦିତ ହୋଇଆସିଛି । ନାରୀ ସୃଷ୍ଟିକର୍ତ୍ତ୍ରୀ । ସେ ଅବଳା, ଦୁର୍ବଳା, ମାତୃତୁଲ୍ୟା, ସହନଶୀଳା ସତ୍ୟ; କିନ୍ତୁ ଯେତେବେଳେ ସୃଷ୍ଟି କୌଣସି ଆସୁରିକ ଶକ୍ତିଦ୍ୱାରା ଅତ୍ୟାଚରିତ ଓ ପୀଡ଼ିତ ହୁଏ ସେତେବେଳେ ଦୈବୀଶକ୍ତିର ଆବିର୍ଭୂତ ହୁଏ । ଯେଉଁ ଶକ୍ତି ହିଁ ମାତୃଶକ୍ତି ଏବଂ ଉକ୍ତ ଆସୁରିକ ଶକ୍ତିର ବିନାଶ ମାତୃଶକ୍ତି ଦ୍ୱାରା ହିଁ ହୋଇଥାଏ। ଏହି ମହନୀୟା ମହାଦେବୀ ଦୁର୍ଗା ସ୍ୱୟଂ ପରଂବ୍ରହ୍ମସ୍ୱରୂପା ଏବଂ ବ୍ରହ୍ମା, ବିଷ୍ଣୁ, ଶିବ ପ୍ରଭୃତି ସମସ୍ତ ଦେବଙ୍କର ଜନ୍ମଦାତ୍ରୀ, ବିଶ୍ୱପ୍ରସବିନୀ ସ୍ୱୟଂ ଆଦିମାତା। ଅର୍ଥାତ୍ ମା ଦୁର୍ଗା ନିଜେ ଅଖଣ୍ଡ ବ୍ରହ୍ମଙ୍କର ସଗୁଣ ସାକାର ପୂର୍ଣ୍ଣତମା ମାତୃମୂର୍ତ୍ତି। ଦେବୀ ଦୁର୍ଗା ଯେ ନିଜେ ତ୍ରିଦେବଙ୍କର ସୃଷ୍ଟିକାରିଣୀ ଆଦିମାତା, ଏହାର ପ୍ରମାଣ ଶ୍ରୀ ଶ୍ରୀ ଚଣ୍ଡୀରେ ଉପଲବ୍ଧ। ଯଥା:- ***"ବିଷ୍ଣୁଃ ଶରୀର ଗ୍ରହଣ, ମହମୀଶାନ ଏବଚ/ କାରିତାସ୍ତେ ଯତୋଽତସ୍ତ୍ୱାଂ କଃ ସ୍ତୋତୁଂ ଶକ୍ତିମାନ ଭବେତ।"*** ମହାଦେବୀ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ସୃଷ୍ଟିକରି ସେମାନଙ୍କ ଦ୍ୱାରା ସୃଷ୍ଟି, ସ୍ଥିତି ଓ ସଂହାରାଦି କାର୍ଯ୍ୟ କରାଇଥାନ୍ତି। ଶିବ ମହାପୁରାଣରେ ଏହା ମଧ୍ୟ ଉଲ୍ଲିଖିତ ଅଛି- ***"ସୃଷ୍ଟି ସ୍ଥିତି ନାଶମୟୀ ଚ କର୍ତ୍ତ୍ରୀ/ ବ୍ରହ୍ମାଽଚ୍ୟୁତ ସ୍ଥାଣୁ ଶରୀର ହେତୁଃ।। ସାତ୍ୱଂ ପ୍ରସୀଦାଽଦ୍ୟ ପୁନର୍ନମନ୍ତେ ।।"***

ଅତଏବ ଏହା ମହାଦେବୀ ଦୁର୍ଗା ସ୍ୱୟଂ ପରଂ ବ୍ରହ୍ମ ସ୍ୱରୂପା। ଏକଥା ଦେବ୍ୟଥର୍ବ ଶୀର୍ଷରେ ସ୍ୱୟଂ ମହାଦେବୀଙ୍କ ମୁଖରେ କୁହାଯାଇଛି- ***"ଅହଂ ବ୍ରହ୍ମ ସ୍ୱରୂପିଣୀ, ମତ୍ତଃ ପ୍ରକୃତିପୁରୁଷାତ୍ମକ ଜଗତ।"*** ଦେବୀ ଭାଗବତରେ ମଧ୍ୟ ଏହାର ପ୍ରମାଣ ଉଲ୍ଲିଖିତ ଅଛି। ଯଥା- ***"ଯା ଶକ୍ତି ପରମାତୁସୌ ଯାସୌ ସା ପରମା ମତା/ଅନ୍ତରଂ ନୈତୋୟୋଃ କୋଽପି ସୂକ୍ଷ୍ମ ବେଦଚ ନାରଦ।"*** ଅର୍ଥାତ ***"ଶକ୍ତି ନିଜେ ପରମାତ୍ମା, ପରମ ଶକ୍ତି ହୋଇ ଏ ଦୁହିଁଙ୍କର ମଧ୍ୟରେ ପ୍ରବ୍ୟେଦ, କାହାକୁ ଜଣାନାହିଁ।"***

ଏହି ଶକ୍ତିମୟୀ ତ୍ରିଗୁଣାତ୍ମକ ଦୁର୍ଗାଙ୍କ ବିଷୟରେ ସାବିତ୍ରୀ ମହାକାବ୍ୟରେ ଶ୍ରୀଅରବିନ୍ଦ ଲେଖିଛନ୍ତି-"I am Durga, Goddess of pound & strong And Laxmi, the Queen of Fair & Fortunate. I wear the face of Kali when, kill. I trample the corpses of demon hordes."

ପ୍ରତିବର୍ଷ ପରେ ଏହି ଶରତର ପାର୍ବଣ ତିଥିରେ ମା' ଲାସ୍ୟମୟୀ ହାସ୍ୟମୟୀ ଏ ଧରାପୃଷ୍ଠକୁ ମୃଣ୍ମୟୀ ସାଜି ଆସନ୍ତି ଏବଂ ଏ ଧରାରୁ ସମସ୍ତ ଦୁଃଖ ଦୁର୍ଦ୍ଦିନକୁ ବିନାଶ କରନ୍ତି। ମାତ୍ର ଆଜିର ସମାଜ କଳୁଷିତ । ଆଜିର ସମାଜ ଯେତେ ଉନ୍ନତିର ଉତ୍ତୁଙ୍ଗ ଶିଖରକୁ ଉଠିଥିଲେ ମଧ୍ୟ ନାରୀ ନିର୍ଯ୍ୟାତନା, ଯୌତୁକ ପରି ଘୃଣ୍ୟ ପ୍ରଥା ସର୍ବଦିଗ ବିସ୍ତୃତ। ଆଜି ପ୍ରତ୍ୟେକ କ୍ଷେତ୍ରରେ ନାରୀ ଜାତି ଲାଞ୍ଛିତ। ନାରୀ ଯେ ସକଳ ଶକ୍ତିର ଉତ୍ସ ଏକଥା ଗ୍ରହଣ କରିବା ପାଇଁ କେହି ପ୍ରସ୍ତୁତ ନାହାନ୍ତି । ଧର୍ମ ନାମରେ ଦ୍ୱାହି ଦେଇ ସକଳ ବ୍ୟଭିଚାର ଅଶ୍ଳୀଳତା ତା'ର କାୟା ବିସ୍ତାର କରିବାରେ ଲାଗିଛି। ନିଜ ପରମ୍ପରାକୁ ବଜାୟ ରଖି ଯଦିଓ ଶକ୍ତିପୂଜା ଆଜି ଉତ୍କଳର ପୁରପଲ୍ଲୀଠାରୁ ଆରମ୍ଭ ହୋଇ ସଭ୍ୟତାର ଶେଷ ପାହାଚ ପର୍ଯ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହେଉଛି; ମାତ୍ର ଶକ୍ତିପୂଜାର ଅନ୍ତର୍ନିହିତ ଆଧାତ୍ମିକ ମୂଲ୍ୟବୋଧକୁ କେହି ବୁଝିବା ପାଇଁ ଅନିଚ୍ଛୁକ । ନିଷ୍ଠା ନାହିଁ ପୂଜା ମଣ୍ଡପରେ ଅଶ୍ଳୀଳ ସଙ୍ଗୀତର ମୂର୍ଚ୍ଛନାରେ ନେତାଠାରୁ ଆରମ୍ଭ କରି ଯୁବପିଢ଼ୀ ପାଶ୍ଚାତ୍ୟ ସଭ୍ୟତାର ଛାପ ନେଇ ନବସଭ୍ୟ ସମାଜ ରଙ୍ଗିନ ସୁଖରେ ମତୁଆଲା । ଡାକବାଜି ଯନ୍ତ୍ରରେ ପୂଜକର ଶ୍ଳୋକାବୃତି ଓ ଆରାଧନା ଅଶ୍ଳୀଳ ସଙ୍ଗୀତର ତାଳେ ତାଳେ ଆଚ୍ଛାଦିତ । ତେବେ, ଏ ସବୁର କ'ଣ ପରିବର୍ତ୍ତନ କେବେ ହେବନି ? ଶକ୍ତିପୂଜାର ମହତ୍ତ୍ୱକୁ ବାସ୍ତବରେ ଉପଲବ୍ଧ କଲାପରେ: ଯଦି ହଁ ସେ ସମୟ କେବେ ଆସିବ?

ମା' ଶକ୍ତିମୟୀ, ତୁ ସକଳ ଶକ୍ତିର ମୂଳମନ୍ତ୍ର । ଏ ସମାଜ ଆଜି କଳୁଷିତ, ପୃଥିବୀ ଆଜି ଧ୍ୱଂସାଭିମୁଖୀ। ଏହାକୁ ଉଦ୍ଧାର କର ମା', ସମସ୍ତଙ୍କ ମନରେ ଶୁଭବୁଦ୍ଧି ପ୍ରଦାନ କର। ତୁମେ ତ ମଙ୍ଗଳଦାୟିନୀ, ମାତୃରୂପିଣୀ ଶକ୍ତି ପ୍ରଦାୟିନୀ, ସତ୍ୟପଥରେ ଆଗକୁ ଯିବା ପାଇଁ ସନ୍ତାନମାନଙ୍କୁ ପଥପ୍ରଦର୍ଶନ କରି ନୂତନ ସୃଷ୍ଟିର ସୃଜନ ସହ ଅସତ୍ୟ, ଅନ୍ୟାୟ, ଅତ୍ୟାଚାରର ବିଲୟ କର ମା! ଏ ବିଶ୍ୱରୁ ମହାଭୟର ବିଲୟ ଘଟୁ, ତେଣୁ ଭକ୍ତିପୂତ ନିବେଦନ- ***"ନମାମି ତ୍ୱା ମହଂ ଦେବୀ ମହାଭୟ ବିନାଶିନୀମ୍।"***

***ସମ୍ପାଦକ, 'ମାର୍ଗଦର୍ଶୀ', ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦***


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Friday February 28 ଭୁବନେଶ୍ୱର ଶୁକ୍ରବାର, ଫେବୃଆରୀ ୨୮,୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଆଇଓସିଏଲ ରିଫାଇନାରୀରେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ରାସ୍ତା ଅବରୋଧ



ପାରାଦୀପ,(ପି.ଏନ): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀର ଏକ ଠିକା କମ୍ପାନୀ ଅଧିନରେ କାମ କରୁଥିବା ଜନୈକ ଶ୍ରମିକଙ୍କ ମୃତ୍ୟୁ ପରେ ଗ୍ରାମବାସୀ ଓ ପରିବାର ରାସ୍ତା ଉପରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ । ତିନି ଘ ାର ଅବରୋଧ ପରେ ଆଲୋଚନା ହୋଇ ଅବରୋଧ ହଟିଛି । ଘଟଣାରୁ ପ୍ରକାଶଯେ, ପାରାଦୀପସ୍ଥିତ ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ଅଧିନରେ କାମ କରୁଥିବା ସୋପାନ ଆଣ୍ଡ ଏମ୍‌ରେ ରିଗର ଭାବେ କାମ କରୁଥିଲେ ନିକଟସ୍ଥ କାଳିଆପାଟ ଗ୍ରାମର ବିଦ୍ୟାଧର ମାଝୀ । ବୁଧବାର ଦିନ ସଂନ୍ଧ୍ୟାରେ ବିଦ୍ୟାଧର କାମ ସାରି ଫେରୁଥିବା ସମୟରେ ହଠାତ୍ ଅସୁସ୍ଥ ହୋଇ ରିଫାଇନାରୀ ଗେଟ୍ ନିକଟରେ ତଳେ ପଡି ଯାଇଥିଲେ । ସେଠାରେ ଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ତୁର' କୁଜଙ୍ଗ ମେଡିକାଲ ଓ ପରେ କଟକ ମେଡିକାଲ ନେଇଯାଇଥିଲେ । ଗୁରୁବାର ଦିନ ବିଦ୍ୟାଧରଙ୍କ ମୃତ୍ୟୁ ହୋଇଯାଇଥିଲା । ଆଇଓସିଏଲ୍‌ର ନିଜସ୍ୱ ମେଡିକାଲ ଥିବା ବେଳେ କ ୃପକ୍ଷ ତାଙ୍କୁ ସେଠାକୁ ନପଠେଇ ଶ୍ରମିକମାନଙ୍କ ହାତରେ କୁଜଙ୍ଗ ମେଡିକାଲକୁ କାହିଁକି ପଠେଇଲେ ଫଳରେ ଚିକିତ୍ସାରେ ବିଳମ୍ବ ଯୋଗୁଁ ବିଦ୍ୟାଧରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଗ୍ରମବାସୀ ଓ ପରିବାର ସଦସ୍ୟ କ୍ଷତିପୂରଣ ଦାବୀରେ ଆଇଓସିଏଲ୍ ମୁଖ୍ୟରାସ୍ତା ତିନି ଘ । ଧରି ଅବରୋଧ କରିଥିଲେ । ଘଟଣାସ୍ଥଳରେ ଅଭୟଚାନ୍ଦପୁର ପୋଲିସ୍, ଆଇଓସିଏଲ କ ୃପକ୍ଷ ଏବଂ ସୋପାନ ଆଣ୍ଡ ଏମ୍ କମ୍ପାନୀ ଅଧିକାରୀଙ୍କ ସହିତ ଆଲୋଚନା ହୋଇଥିଲା । କ୍ଷତିପୂରଣ, ପରିବାରରୁ ଜଣଙ୍କୁ ଯୋଗ୍ୟତାଭି ିରେ ନିଯୁକ୍ତି ଦେବାକୁ ଲିଖିତ ପ୍ରତିଶୃତି ମିଳିବା ପରେ ଧାରଣା ହଟିଥିଲା । ଏହି ରାସ୍ତା ଅବରୋଧେ ଯୋଗୁଁ ରିଫାଇନାରୀ ପରିସରକୁ ଯାତାୟତ ବନ୍ଦ ହୋଇଯାଇଥିଲା ।

# ବିନା ସୂଚନା ଫଳକ,ବିନା ଫିଜିବୁଲିଟି ରିପୋର୍ଟରେ ପାର୍କ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ





ଧାମନଗର,(ପି.ଏନ): ଧାମନଗର ଏନ ଏ ସି ଅନ୍ତର୍ଗତ ଶାମପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ତୋରଣ ନିକଟରେ ବିନା ସୂଚ୍ନା ଫଳକ,ବିନା ଫିଜିବୁଲିଟି ରିପୋର୍ଟରେ ପାର୍କ ନିର୍ମାଣ କାର୍ଯ୍ୟ ଚ୍ାଲିଛି କାହ ଇଙ୍ଗିତରେ ବୋଲି ସାଧାରଣରେ ପ୍ରଶ୍ନବାଚ୍ୀ ସୃଷ୍ଟି କରିବା ସହିତ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର ନିଜ ମନମୁଖୀ ଭାବେ ନିମ୍ନମାନର କାର୍ଯ୍ୟ କରିଚ୍ାଲିଛନ୍ତି ବୋଲି ଗଣମାଧ୍ୟମ ଆଗରେ ସାଧାରଣ ଜନତା ଓ ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି । ଆଗକୁ ଆସୁଛି ବର୍ଷା ପବନ ପାର୍କ ଭିତରେ ସୁନ୍ଦର୍ଯ୍ୟ କରଣ ପାଇଁ ଯାହା ଆନୁଷଙ୍ଗିକ ବ୍ୟବସ୍ଥା ରହିଛି ସେ ଗୁଡିକ ଅତ୍ୟନ୍ତ ନିମ୍ନମାନର ବ୍ୟବହାର କରାଯାଉଛି ଗୋଟିଏ ପବନରେ ସବୁ ଓଲଟି ପଡି ସବୁ ନଷ୍ଟ ହୋଇ ଯିବ ଲୋକ ଦେଖାଣିଆ ନିମ୍ନମାନର କାର୍ଯ୍ୟ କରି ଠିକାଦାର କେଇକୁ ହାତେଇ ଲକ୍ଷ ଲକ୍ଷ ସରକାରୀ ଅର୍ଥ ଲୁଟି ନେଇ ଯିବ ବୋଲି ସାଧାରଣରେ ଆଲୋଚ୍ନା ହେଉଛି । ଅଭିଯୋଗ ପରେ ଆମ ପ୍ରତିନିଧି ଉକ୍ତ ସ୍ଥାନ ପରିଦର୍ଶନ କରି ଏ ସମ୍ପର୍କରେ ସୂଚ୍ନା ପାଇବା ପାଇଁ କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ ନାୟକୁ ଯୋଗାଯୋଗ କଲେ ମଧ ସେ ଫୋନ ଗ୍ରହଣ ନକରିବାରୁ ଏନ ଏ ସି ଅଧିକାରୀଙ୍କୁ ଯୋଗାଯୋଗ କଲୁ ମୁଁ ଜାଣି ନାହିଁ ସେ କାର୍ଯ୍ୟ ମୋ ପୂର୍ବରୁ ହୋଇଥିଲା ଏବେ କଣ ହୋଇଛି ଠିକାଦାର କିଏ ଫାଇଲ ଦେଖିବା ପରେ କହିବି ବୋଲି ଅଧିକାରୀ ସନ୍ତୋଷ କୁମାର ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଏଇଭଳି ଏନ ଏ ସି କାର୍ଯ୍ୟାଳୟର ସହକାରୀ ଓ କନିଷ୍ଠ ଯନ୍ତ୍ରୀ ଏବଂ ଠିକାଦାର ମିଳିମିଶି ବିଭିନ୍ନ ୱାର୍ଡରେ ଅନିୟମିତତା କାର୍ଯ୍ୟ କରି ସରକାରୀ ଅର୍ଥକୁ ଲୁଟ କରୁଛନ୍ତି ତାଙ୍କୁ ରୋକ୍ ଦେବା ପାଇଁ ସ୍ଥାନୀୟ ବିଧାୟକ ତଥା ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ ହୁଏତ ସରକାରୀ ଅର୍ଥ ବାଟମାରଣା ନହୋ କିଛିଟା କାର୍ଯ୍ୟରେ ଲାଗିପାରେ ବୋଲି ସାଧାରଣ ଜନତା ଦାବି କରିଛନ୍ତି । ଏପଟେ ସରକାର ବଦଳି ଗଲା ପରେ କ୍ଷମତା ଏବଂ ମନ୍ତ୍ରୀଙ୍କ ଡର,ସ୍ଥାନୀୟ ନେତୃମଣ୍ଡଳୀଙ୍କ କଥାରେ ସହରାଞ୍ଚଳରେ ଏନ ଏ ସି ଅଧିକାରୀ ସରକାରୀ ନିୟମକୁ ଉଲଘଂନ କରି କାର୍ଯ୍ୟ କରୁଥିବା ରୁ ଅଧକ୍ଷା ନିବେଦିତା ଜେନା ବିଭାଗୀୟ ଉଚ୍ଚ୍ କର୍ତ୍ତୃପକ୍ଷ,ଭଦ୍ରକ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ମଧ କୌଣସି ସଫଳ ହେଲା ନାହିଁ । ସରକାରୀ ନିୟମ ଉଲଘଂନ ଏବଂ ଅନିୟମିତତାକୁ ନେଇ ଅଧକ୍ଷା ବାଧ ହୋଇ କୋର୍ଟ ଯାଇଛନ୍ତି ବୋଲି ସୂଚ୍ନା ମିଳିଛି ।

# ହିଙ୍ଗୁଳା ଠାକୁରାଣୀଙ୍କୁ ଦର୍ଶନ କଲେ ନୂତନ ବିଜେପି ଜିଲ୍ଲା ସଭାପତି

ତାଳଚେର,(ପି.ଏନ):ବିଜେପି ନୂତନ ଜିଲ୍ଲା ସଭାପତି ଭାବେ ଯଯାତି ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ଗୁରୁବାର ଶ୍ରୀଯୁକ୍ତ ପଟ୍ଟନାୟକ ତାଳଚେର ର ଅଧିଷ୍ଠାତ୍ରୀ ଦେବୀ ଜଗତ ଜନନୀ ମା ହିଙ୍ଗୁଳା ଠାକୁରାଣୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି । ତାଙ୍କ ସହ ତାଳଚେର ନିର୍ବାଚ୍ନ ମଣ୍ଡଳୀ ର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ପାଇଁ ପରେ ହିଙ୍ଗୁଳାଙ୍କ ପୀଠ ଅତିଥି ଭବନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କୁ ବିଭିନ୍ନ ମଣ୍ଡଳ ରୁ ଆସିଥିବା କାର୍ଯ୍ୟକର୍ତ୍ତା ମାନେ ସମ୍ବର୍ଦ୍ଧନା ଦେଇଥିଲେ । ଜିଲ୍ଲା ସଭାପତିଙ୍କ ସମେତ ନୂତନ ଭାବେ ନିର୍ବାଚ୍ିତ ହୋଇଥିବା ସମସ୍ତ ମଣ୍ଡଳ ସଭାପତି ସୁଶାନ୍ତ ସାମଲ, ଅଜୟ ସାହୁ, ମାନସ ସାହୁ, ଦୀପକ ଦାସ, ବରୁଣ ସାହୁ, ସତ୍ୟବନ୍ତ ସାହୁ, ଜିଲ୍ଲା କମିଟି ସଦସ୍ୟ ରାଜେନ୍ଦ୍ର ସିଂହ, ଖଇରା ପ୍ରଧାନ, ଲୋକନାଥ ସାହୁ, ନରେନ୍ଦ୍ର ସାହୁ, ରାଜ୍ୟ ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ପ୍ରଧାନ,ଓ ନରେଶ ଚ୍ନ୍ଦ୍ର ବେହେରା, ଦେବେନ୍ଦ୍ର ବାରିକ, ଓ ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକଙ୍କୁ ମଧ ସମ୍ବୋର୍ଦ୍ଧିତ କରାଯାଇଥିଲା ।

# କେନ୍ଦ୍ରାପଡା ଜିଲ୍ଲାର ୧୮୩୧୩ ପିଲା ଗଣିତ ପରୀକ୍ଷା ଦେଲେ

କେନ୍ଦ୍ରାପଡା,(ପି.ଏନ): ଗତ ୨୧ତାରିଖରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷାର ତୃତୀୟ ଦିନରେ କେନ୍ଦ୍ରାପଡା ଜିଲ୍ଲାର ୧୮ହଜାର ୩୧୩ଜଣ ମାଟ୍ରିକ, ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ଛାତ୍ରଛାତ୍ରୀ ଗଣିତ ବିଷୟରେ ପରୀକ୍ଷା ଦେଇଥିବା ଜଣାପଡିଛି । ସେଥିମଧ୍ୟରୁ ବାର୍ଷିକ ମାଟ୍ରିକ ପରୀକ୍ଷା ପାଇଁ ୧୮ହଜାର ୨୧୪ଜଣ ଫର୍ମପୂରଣ କରିଥିବା ବେଳେ ସେଥିମଧ୍ୟରୁ ୧୭ହଜାର ୯୦୪ଜଣ ପରୀକ୍ଷା ଦେଇଥିବା ବେଳେ ୩୧୦ଜଣ ଅନୁପସ୍ଥିତ ଥିଲେ । ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୧୯୧ଜଣ ଫର୍ମପୁରଣ କରିଥିବା ବେଳେ ସେଥିମଧ୍ୟରୁ ୧୮୨ଜଣ ପରୀକ୍ଷା ଦେଇଛନ୍ତି । ୯ଜଣ ଅନୁପସ୍ଥିତ ଅଛନ୍ତି । ସେହିପରି ମଧ୍ୟମା ପରୀକ୍ଷା ପାଇଁ ୨୮୭ଜଣ ଫର୍ମପୁରଣ କରିଥିବା ବେଳେ ସେଥିମଧ୍ୟରୁ ୨୨୭ଜଣ ପରୀକ୍ଷା ଦେଇଛନ୍ତି । ୬୦ଜଣ ଅନୁପସ୍ଥିତ ଅଛନ୍ତି । ଜିଲ୍ଲାର ମୋଟ ୧୮ହଜାର ୩୧୩ଜଣ ଛାତ୍ରଛାତ୍ରୀ ଅର୍ଥାତ୍ ୯୭.୯୭ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୭୯ଜଣ ଅନୁପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ମୌଳିକ ଅଧିକାର ପାଇଁ ମହାସଂଗ୍ରାମ ହେବ

ଭୁବନେଶ୍ୱର ,(ପି.ଏନ): ରାଜ୍ୟରେ ଆଦିବାସୀ ସରକାର ମାତ୍ର କାର୍ଯ୍ୟ ମୁଳନିବାସୀଙ୍କ ସାମ୍ବିଧାନିକ ଅଧିକାର ଓ ନ୍ୟାୟ ବିରୁଦ୍ଧ । ଯାହାକି ଅତି ପରିତାପର ବିଷୟ । ରାଜ୍ୟର ପ୍ରମୁଖ କେତୋଟି ଦଳିତ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରମୁଖ ହତ୍ୟା ଯଥା- କଳାହାଣ୍ଡିର ହଷ୍ଟେଲ ଛାତ୍ରୀ ହତ୍ୟା, ଯାଜପୁରର ଶାନ୍ତନୁ ଦାସ ହତ୍ୟା,କଟକ ଗୁରୁଡ଼ି ଝାଟିଆର ଆଦିବାସୀଙ୍କୁ ହତ୍ୟା ସହ ପ୍ରାୟ ୧୪ ଟି ହତ୍ୟା ଜାତିଗତ ମାମଲା ହୋଇଛି । ଯାଜପୁର ଜିଲ୍ଲାର କଳିଙ୍ଗନଗର ବିସ୍ଥାପିତଙ୍କୁ ନିଯୁକ୍ତି ଦାବୀ କର୍ମଚାରୀଙ୍କୁ ମରଣାତ୍ମକ ଆକ୍ରମଣ, ଜଗତସିଂହପୁର କୁଜଙ୍ଗ ବଗଡ଼ିଆରେ ଦଳିତଙ୍କ ଗାଁରେ ଜବରଦସ୍ତ ବ୍ୟବସାୟ ଘର, ଅନୁଗୁଳ ତାଳଚେର୍‌ରେ ଦଳିତଙ୍କୁ ବିସ୍ଥାପିତ ପରେ ନିଯୁକ୍ତି ଥଇଥାନ ଓ ପ୍ଲଟ ଦେବାରେ ପାନ୍ତର ଅନ୍ତର କରାଯାଉଛି । ଚନ୍ଦକାଡ଼ମପଡ଼ା ଅଭ୍ୟାରଣର ବିସ୍ଥାପିତଙ୍କୁ ଥଇଥାନ,ଖୋର୍ଦ୍ଧା ବାଘଟାଙ୍ଗୀ ଓ ନୟାଗଡ଼ ,ବୌଦ୍ଧ ଆଦିବାସୀଙ୍କୁ କାଜୁ ଜଙ୍ଗଲରୁ ବେଦଖଲ ପ୍ରତିବାଦ ହୋଇଛି । ଅନ୍ୟପଟେ ଘରୋଇ କରଣରେ ସଂରକ୍ଷଣକୁ ନ୍ୟାୟାଳୟ ମନା କରିବା ପାଇଁ ରାୟ ଦେଇଥିବା ବେଳେ ରାଜ୍ୟ ସରକାର ସରକାରୀ ସଂସ୍ଥାକୁ ଘରୋଇ ସଂସ୍ଥାକୁ ଦେଇଦେବାରୁ ନିଯୁକ୍ତିରେ ଓ.ଆର୍.ଭି ଆକ୍ଟ ଖୋଲା ଉଲ୍ଲଙ୍ଘନ ହେଉଛି । ସେହି ପରି ଦୀର୍ଘ ବର୍ଷ ଧରି ଦଳିତ ଆଦିବାସୀଙ୍କ ଜମିକୁ ଉଚ୍ଛେଦ ଯଥା ଗଂଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ ତୁଲଡ଼ି, ଯାଜପୁର ଜିଲ୍ଲାର ବ୍ୟାସନଗର ଚୁନଭାଟି ପ୍ଲଟରୁ ଘର ଭଙ୍ଗା, ଦାନଗଦୀ ଉଇ୍‌ବାଲିରେ ଆଦିବାସୀଙ୍କୁ ବିସ୍ଥାପିତ,ଜଗତସିଂପୁର କୁଜଙ୍ଗର ବଗ ରାଜ୍ୟରେ ଥିବା ଆଦିବାସୀ ଓ ଦଳିତ ଭୂମିହୀନଙ୍କୁ ଚିହ୍ନଟ କରାଯାଇ ତୁରନ୍ତ ଜମି ପଟ୍ଟା ଓ ୨୫ ବର୍ଷ ପୁରଣ ହୋଇଥିବା ପରିବାରକୁ ଚିହ୍ନଟ କରାଯାଇ ବାସଗୃହ ପ୍ରଦାନ ,ଘରୋଇ ଶିଳ୍ପସଂସ୍ଥା ଓ ଠିକା ଏଜେନ୍ସିରେ ଆଦିବାସୀ ଓ ଦଳିତ ମାନଙ୍କୁ ୪୦% ଭାଗ ସ୍ଥାନ ସଂରକ୍ଷଣ ଦିଆଯାଉ । ସାମ୍ବିଧାନିକ ମୌଳିକ ସଂରକ୍ଷଣରୁ ବଂଚିତ "ମେହେନ୍ତର ଜାତି ଓ ପାଣ ବୈଷ୍ଣବ" ଜାତିକୁ ଅନୁସୁଚୀତ ଜାତି ମାନ୍ୟତା , ଜମି ମୂଲ୍ୟ ସୁନାଦର ଭଳି ବଢୁଥିବା ବେଳେ ଏସ୍‌ଟି/ଏସ୍‌ସି ଜମି କ୍ରୟ / ବିକ୍ରୟରେ ଟ୍ୟାକ୍ସ ବା ବଣ୍ଡ ମୁକ୍ତ, ଛାତ୍ରଛାତ୍ରୀଙ୍କ ଶିକ୍ଷାବୃତି ବୃଦ୍ଧି ଓ ଏସ୍‌ଟି/ଏସ୍‌ସିଙ୍କ ନିର୍ଯ୍ୟାତନା ସହାୟତା ରାଶି ବୃଦ୍ଧି,ଆନ୍ତଃଜାତୀୟ ବିବାହ ପ୍ରେତ୍ସାହନ ରାଶି ଦୁଇଗୁଣ ବୃଦ୍ଧି କରାଯାଉ । ଜଙ୍ଗଲ ସଂପଦ ଓ ଖଣିଜ ସଂପଦରେ ଦଳିତ ଆଦିବାସୀଙ୍କ ଭାଗିଦାରିତା ଓ ଶିଳ୍ପାନୁଷ୍ଠାନରେ ବିସ୍ଥାପିତଙ୍କୁ ନିଯୁକ୍ତି ଓ ବଂଶାନୁକ୍ରମିକ ନିଯୁକ୍ତି ,ସୁପର ହସ୍ପିଟାଲ ମାନଙ୍କରେ ଓ ଟାଟା ପାୱାର ନିଯୁକ୍ତି ତଥା ସମସ୍ତ ଏଜେନ୍ସି ନିଯୁକ୍ତିରେ ସାମ୍ବିଧାନିକ ସ୍ଥାନ ସଂରକ୍ଷଣ ଆଦିବାସୀ/ ଦଳିତଙ୍କ ପାଇଁ ନିଯୁକ୍ତି କରାଯାଉ । ଭୁବନେଶ୍ୱରରେ ଡ଼କ୍ଟର ବି.ଆର୍ ଆମ୍ବେଦକର ଅଡ଼ିଟୋରିଅମ୍/ ଭବନ ସମେତ ରାଜ୍ୟରେ ସମସ୍ତ ବ୍ଲକ ଓ ଜିଲ୍ଲାରେ ଆମ୍ବେଦକର ଭବନ ଓ ସ୍ମାରକୀ ନିର୍ମାଣ କରାଯାଉ । ଜାତିଗତ ନିର୍ଯ୍ୟାତନା ବୃଦ୍ଧି ପାଉଥିବାରୁ ରାଜ୍ୟରେ ଅନୁସୁଚୀତ ଜାତି କମିଶନରଙ୍କ କାର୍ଯ୍ୟାଳୟ ଖୋଲଯାଉ । ଏମ୍.ସି.ଏଲ୍ ତାଳଚେର୍ ବିସ୍ଥାପିତଙ୍କୁ ସମାନ ଭାଗିଦାରିତା ,ବୁଦ୍ଧ ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯାଉ ଓ ସମସ୍ତ ଧାର୍ମିକ ପୀଠସ୍ଥଳୀକୁ ବିକାଶ କରାଯାଉ । ଜାତିଗତ ନିର୍ଯ୍ୟାତନା ମାମଲାରେ ତୁରନ୍ତ ଏତଲା ଓ କାର୍ଯ୍ୟାନୁଷ୍ଠାନ (ପି.ଇ.ଓ ଆକ୍ଟ) କାର୍ଯକାରୀତା, ଏକ ମାସ ମଧରେ ଜେଇଆର ଓ ଚାର୍ଜସିଟି ତୁରନ୍ତ,ସହାୟତା ରାଶି ପ୍ରଦାନ. ଅନୁସୁଚୀତ ଜାତି ଓ ଜନଜାତି ଅର୍ଥ ନିଗମକୁ ସକ୍ରୀୟ କରାଯାଇ ରୁଣ ପ୍ରଦାନ ସହ ବହୁବର୍ଷ ଧରି ଜଙ୍ଗଲ,ଗୋଚର,ଅନାବାଦୀ,ପତୀତ ଓ ଗ୍ରାମ୍ୟ ଜଙ୍ଗଲରେ ରହି ଆସୁଥିବା ଆଦିବାସୀ ଦଳିତଙ୍କୁ ଜମି ପଟ୍ଟା, ବାସଗୃହ ଓ ବିଦ୍ୟୁତ୍ ସଂଯୋଗ , ସମସ୍ତ ସ୍କୁଲରେ ଏକ ପ୍ରକାର ସିବିଏସ୍‌ଇ ପାଠ୍ୟକ୍ରମ ସହ ସିଲାବସ୍‌ରେ ସମ୍ବିଧାନ ଓ ଆମ୍ବେଦକର୍‌ଙ୍କ ବିଷୟରେ ପଡାଯିବା ଯିବାକୁ ବ୍ୟବସ୍ଥା କରାଯିବା ଦାବୀ ନେଇ ରାଜ୍ୟପାଳଙ୍କ ହସ୍ତକ୍ଷେପ ଦାବୀରେ ରାଜଭବନ ସମ୍ମୁଖରେ ଗଣଧାରଣା ପାଇଁ ପ୍ରସ୍ତୁତି କରାଯାଉଛି । ମୁଳନିବାସୀ ୟୁନାଇଟେଡ୍ ଫ୍ରଂଟ ଓ ଏହାର ସହଯୋଗୀ ସଂଗଠନ ଆମ୍ବେଦକର ସେବକ ସଂଘ, ଦାଣ୍ଡିମାଳ ସେବକ ସଂଘ ସହ ବହୁ ସଂଗଠନ ଯୋଗ ଦେବେ ବୋଲି ସୁଚନା ଦେଇଛନ୍ତି । ସଂଗଠନର ରାଜ୍ୟ ଅଧକ୍ଷ ମନୋରଂଜନ ଜେନା, ଇନ୍ଦ୍ରଜିତ୍ ବିଡ଼ିକା,ଦୈତାରୀ ନାୟକ, ପ୍ରକାଶ ନାୟକ, ପ୍ରଦ୍ୟମ୍ନ ନାୟକ, ସୁପ୍ରଭା ମଲ୍ଲିକ, ମଂଟୁ ଜେନା,ପ୍ରତାପ ଦାସ, ସହଦେବ ଜେନା,କୁନି ଅମାତ୍ ପ୍ରମୁଖ ଜଣାଇଛନ୍ତି ।

# ନିଖିଳ ଉତ୍କଳ ବାରିକ ସମିତି ଭୁବନେଶ୍ୱର ଶାଖାର ବୈଠକ



ଭୁବନେଶ୍ୱର,(ପି.ଏନ): ନିଖିଳ ଉତ୍କଳ ବାରିକ ସମିତି ଭୁବନେଶ୍ୱର ମହାନଗର ଶାକ୍ଷା ପକ୍ଷରୁ ମା ଶିଖରଚଣ୍ଡୀ ମନ୍ଦିର ପ୍ରଗଣରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ସଭାପତି ରୋହିତ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ହେମନ୍ତ କୁମାର ବାରିକ, ସାଧାରଣ ସମ୍ପାଦକ ମାୟାଧର ବାରିକ, ମହାନଗର ଶାଖା ସମ୍ପାଦକ ଅଲେଖ ଚନ୍ଦ୍ର ବାରିକ, କୋଷାଧ୍ୟକ୍ଷ ବିକ୍ରମ ଚରଣ ବାରିକ ପ୍ରମୁଖ ଯୋଦଗେଇ ଏକତା ସୁତ୍ରରେ ବାନ୍ଧି ହୋଇ ପରସ୍ପର ମଧରେ ଭାଇଚାରା ସୁଦୃଢ କରିବା ପାଇଁ ଅହ୍ୱାନ ଦେଇଥିଲେ । ଏହି ବୈଠକରେ ଭୁବନେଶ୍ୱର ମହାନଗର ଶାଖାର ବିଭିନ୍ନ ସମସ୍ୟା ଓ ବାରିକ ଭାଇ ମାନଙ୍କର ସୁବିଧା ଅସୁବିଧା ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଉ ର ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟେକ ମାସର ଶେଷ ଗୁରୁବାର ଦିନ ଚୁଟି କଟା ଦୋକାନ ଏବଂ ସାଲୁନ ବନ୍ଦ ରଖିବା ପାଇଁ ବାରିକ ଭାଇମାନେ ନିଷ୍ପ ି ନେଇଥିଲେ । ଏଥି ସହିତ ଭୁବନେଶ୍ୱରେ ସଂଘ ଗୃହ ପାଇଁ ଜାଗା କିମ୍ବା ଘର ଯୋଗାଇଦେବା ଓ ବାରିକ ମାନଙ୍କୁ ମାଗଣା ବିୟୁଟି ପାର୍ଲର ଟ୍ରେନିଂ ଦେଇ ଉପଯୁକ୍ତ ଥଇଥାନ କରିବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ନିବେଦନ କରାଯାଇଥିଲା । ଏଥିରେ ଉ ର ନିର୍ବାଚନ ମଣ୍ଡଳୀର ବହୁ ସଂଖ୍ୟକ ବାରିକ ଭାଇମାନେ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray